## ଜଳ ସମ୍ପଦ ବିଭାଗ

## ଅଧ୍ୟାୟ 5: ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ଦ୍ୱାରା ନିର୍ମାଣ ପ୍ରକଳ୍ପର କାର୍ଯ୍ୟକାରିତା

### 5.1 ଉପକ୍ରମ

ଭୁବନେଶ୍ୱରରେ ଏହାର ପଞ୍ଜିକୃତ କାର୍ଯ୍ୟାଳୟ ସହିତ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍) ଜଳ ସମ୍ପଦ ବିଭାଗ (ଡିଓଡବ୍ଲୁଆର୍)ର ପ୍ରଶାସନିକ ନିୟନ୍ତ୍ରଣରେ ଓଡ଼ିଶା ସରକାରଙ୍କ ସମ୍ପୂର୍ଣ୍ଣ ମାଲିକାନା କମ୍ପାନୀ ଭାବରେ 22 ମଇ 1962 ରେ ଆରମ୍ଭ ହୋଇଥିଲା । ଡିଓଡବ୍ଲୁଆର୍ ର ଡ୍ୟାମ୍, ସ୍ପିଲୱେ, ହାଇଡ୍ରୋଲିକ୍ ଫାଟକ, ବ୍ୟାରେଜ୍, ଜଳଭଣ୍ଡାର, କେନାଲ, ଇତ୍ୟାଦି କାର୍ଯ୍ୟର ନିର୍ମାଣ ଏବଂ ବିକାଶ ହେଉଛି କମ୍ପାନୀର ମୂଳ ଉଦ୍ଦେଶ୍ୟ । ଓସିସିଏଲ୍ ଡିଓଡବ୍ଲୁଆର୍ ଦ୍ୱାରା ଆବଣ୍ଟିତ କିମ୍ବା ଡିଓଡବ୍ଲୁଆର୍ କିମ୍ବା ଓଡ଼ିଶା ସରକାର (ଜିଓଓ)ଙ୍କ ଅନ୍ୟ ବିଭାଗର ଟେଣ୍ଡରରେ ଅଂଶ ଗ୍ରହଣ କରି କାର୍ଯ୍ୟ ପ୍ରାପ୍ତ କରେ ।

କମ୍ପାନୀ ମାର୍ଚ୍ଚ 2020 ରେ ସମାପ୍ତ ବର୍ଷ ପାଇଁ ହିସାବ ଚୂଡ଼ାନ୍ତ କରିଥିଲେ ଏବଂ ମାର୍ଚ୍ଚ 2021 ରେ ସମାପ୍ତ ବର୍ଷ ପାଇଁ ଅସ୍ଥାୟୀ ହିସାବ ପ୍ରସ୍ତୁତ କରିଥିଲେ । ଅସ୍ଥାୟୀ ହିସାବ ଅନୁଯାୟୀ, କମ୍ପାନୀର ପେଡ୍ ଅପ୍ ପୁଞ୍ଜି 17.50 କୋଟି ଟଙ୍କା ଏବଂ ଜମା ହୋଇଥିବା ବଳକା ଅର୍ଥର ପରିମାଣ 185.29 କୋଟି ଟଙ୍କା ଥିଲା । ସମାନ ସମୟରେ ଅଣ ସାମ୍ପ୍ରତିକ ଓ ସାମ୍ପ୍ରତିକ ଦେୟର ପରିମାଣ ଯଥାକ୍ରମେ 860.98 କୋଟି ଟଙ୍କା ଓ 468.84 କୋଟି ଟଙ୍କା ଥିଲା । ମାର୍ଚ୍ଚ 2021 ସୁଦ୍ଧା କମ୍ପାନୀର ନିଟ୍ ମୂଲ୍ୟ 202.79 କୋଟି ଟଙ୍କା ହିସାବ କରାଯାଇଥିଲା । କମ୍ପାନୀର କାରବାର 2016-17 ରେ 874 କୋଟି ଟଙ୍କାରୁ 2020-21 ରେ 422 କୋଟି ଟଙ୍କାକୁ ହ୍ରାସ ପାଇଥିଲା ଏବଂ ସମାନ ସମୟରେ ଟିକସ ପରବର୍ତ୍ତୀ ନିଟ୍ ଲାଭ 35 କୋଟି ଟଙ୍କାରୁ 34 କୋଟି ଟଙ୍କାକୁ ହ୍ରାସ ପାଇଥିଲା ।

ଓଡ଼ିଶା ସରକାରଙ୍କ ଦ୍ୱାରା ଏକ୍ସ-ଅଫିସିଓ ଅଧ୍ୟକ୍ଷ ଭାବରେ ଡିଓଡବ୍ଲୁଆର୍ ସଚିବ ଓ 11 ଜଣ ନିର୍ଦ୍ଦେଶକଙ୍କୁ ନିଯୁକ୍ତିପୂର୍ବକ ଗଠିତ ଏକ ନିର୍ଦ୍ଦେଶକମାନଙ୍କର ପରିଷଦ (ବିଓଡି) ଉପରେ ଓସିସିଏଲ୍‌ର ପରିଚାଳନା ଭାର ନ୍ୟସ୍ତ । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ, ପରିଚାଳନା ନିର୍ଦ୍ଦେଶକଙ୍କୁ ଜଣେ ନିର୍ଦ୍ଦେଶକ (ମେକାନିକାଲ୍), ଚାରିଜଣ ସାଧାରଣ ପରିଚାଳକ (ସିଭିଲ୍), ଜଣେ ସାଧାରଣ ପରିଚାଳକ (ମେକାନିକାଲ୍), ଜଣେ ଆର୍ଥିକ ପରାମର୍ଶଦାତା ତଥା ମୁଖ୍ୟ ଆକାଉଣ୍ଟ୍ସ ଅଧିକାରୀ, ଜଣେ ପ୍ରଶାସନିକ ଅଧିକାରୀ ଏବଂ ଜଣେ କମ୍ପାନୀ ସେକ୍ରେଟାରୀ କମ୍ପାନୀର ଦୈନନ୍ଦିନ କାର୍ଯ୍ୟରେ ସାହାଯ୍ୟ କରନ୍ତି । କମ୍ପାନୀ ଚାରିଟି ଆଞ୍ଚଳିକ କାର୍ଯ୍ୟାଳୟ ଏବଂ 24 ଟି ପ୍ରକଳ୍ପ କାର୍ଯ୍ୟାଳୟ[1] (ପିଓ) ମାଧ୍ୟମରେ କାର୍ଯ୍ୟ କରେ, ଯାହାର ମୁଖ୍ୟ ଯଥାକ୍ରମେ ସାଧାରଣ ପରିଚାଳକ (ଜିଏମ୍) ଏବଂ ବରିଷ୍ଠ ପରିଚାଳକ ।

ଓସିସିଏଲ୍ ଦ୍ୱାରା ପ୍ରକଳ୍ପର ସମୟାନୁବର୍ତ୍ତୀ କାର୍ଯ୍ୟକାରିତା ପାଇଁ ଯୋଜନା ସହ କାର୍ଯ୍ୟ ନିଷ୍ପାଦନରେ ମିତବ୍ୟୟତା ହାସଲ କରିବା, ତଥା କମ୍ପାନୀ ପାଣ୍ଠି ଏବଂ ଅନ୍ୟାନ୍ୟ ଉତ୍ସଗୁଡ଼ିକର ଉପଯୋଗକୁ ଆକଳନ କରିବା ପାଇଁ ଜୁଲାଇ 2021 ରୁ ଜାନୁଆରୀ 2021 ମଧ୍ୟରେ (2016-17 ରୁ 2020-21 ଅବଧିକୁ ଅନ୍ତର୍ଭୁକ୍ତ କରି) ଅଡିଟ୍ ପରିଚାଳନା କରାଯାଇଥିଲା । ଅଡିଟ୍ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରଣାଳୀର ପର୍ଯ୍ୟାପ୍ତତା ଏବଂ କାର୍ଯ୍ୟକାରିତା ଏବଂ କମ୍ପାନୀର ପର୍ଯ୍ୟାଲୋଚନା ପ୍ରକ୍ରିୟା ମଧ୍ୟ ଯାଞ୍ଚ କରିଥିଲେ । ଅଡିଟ୍, ଓସିସିଏଲ୍ କମ୍ପାନୀ କାର୍ଯ୍ୟାଳୟ ଏବଂ ପାଞ୍ଚଟି ମନୋନୀତ[2] ପ୍ରକଳ୍ପ କାର୍ଯ୍ୟାଳୟର ନଥି ଏବଂ ତଥ୍ୟ ଯାଞ୍ଚ କରିଥିଲା, ଯେଉଁଠାରେ ସମୁଦାୟ 526 ଟି ପ୍ରକଳ୍ପ ମଧ୍ୟରୁ 48 ଟି ପ୍ରକଳ୍ପ ବିଚାର ଆଧାରରେ ପରୀକ୍ଷା ପାଇଁ ଚୟନ

[1] 17 ଟି ସିଭିଲ୍ ପ୍ରକଳ୍ପ କାର୍ଯ୍ୟାଳୟ, ଛଅଟି ଯାନ୍ତ୍ରିକ ପ୍ରକଳ୍ପ କାର୍ଯ୍ୟାଳୟ ଏବଂ ଗୋଟିଏ ନିର୍ମାଣ ପରାମର୍ଶଦାତା ଡିଭିଜନ

[2] ଚୁକ୍ତିନାମା ମୂଲ୍ୟର ବସ୍ତୁତା ଏବଂ ଆର୍ଥିକ ଓ ଭୌତିକ ପ୍ରଗତିକୁ ବିଚାର କରି ମନୋନୀତ କରାଯାଇଥିଲା

କରାଯାଇଥିଲା । ଏହା ବ୍ୟତୀତ କାର୍ଯ୍ୟ/ ସମ୍ପତ୍ତିର ମିଳିତ ଭୌତିକ ଯାଞ୍ଚ (ଜେପିଆଇ) କମ୍ପାନୀ କର୍ମଚାରୀଙ୍କ ସହିତ ଅଡିଟ୍ ଦ୍ୱାରା କରାଯାଇଥିଲା । ପରବର୍ତ୍ତୀ ଅନୁଚ୍ଛେଦରେ ଅଡିଟ୍ ଫଳାଫଳ ଉପସ୍ଥାପିତ କରାଯାଇଛି ।

## ଅଡିଟ୍ ଫଳାଫଳ

## 5.2 ନିର୍ମାଣ ପ୍ରକଳ୍ପର ଯୋଜନା

### *5.2.1 କର୍ପୋରେଟ୍ ଯୋଜନା ଏବଂ ବାର୍ଷିକ ଯୋଜନାଗୁଡ଼ିକର ଅନୁପସ୍ଥିତି*

ରାଜ୍ୟ ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ବିଭାଗ, ରାଜ୍ୟ ମାଲିକାନାରେ ଥିବା ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ(ପିଏସ୍‌ୟୁ)ର କାର୍ଯ୍ୟକଳାପକୁ ପରିଚାଳନା କରିବା ଏବଂ କାର୍ଯ୍ୟକ୍ଷମ ଢାଞ୍ଚାକୁ ମଜ୍‌ବୁତ୍ କରିବା ପାଇଁ ଏକ କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲ୍ (ସିଜିଏମ୍) ବିକଶିତ (ନଭେମ୍ବର 2009) କରିଥିଲେ । ସିଜିଏମର ଅନୁଚ୍ଛେଦ 1.5 ଅନୁଯାୟୀ, ପ୍ରତ୍ୟେକ ରାଜ୍ୟ ପିଏସ୍‌ୟୁ ଅପ୍ରେଲ ଠାରୁ ଆରମ୍ଭ ହେବାକୁ ଥିବା ତିନି ବର୍ଷର କର୍ପୋରେଟ୍ ଯୋଜନାକୁ ଜାନୁଆରୀ ସୁଦ୍ଧା ପ୍ରସ୍ତୁତ କରି ତାର ପ୍ରଶାସନିକ ବିଭାଗରେ ଦାଖଲ କରିବାକୁ ପଡ଼ିବ । କର୍ପୋରେଟ୍ ଯୋଜନା ପିଏସ୍‌ୟୁ କିପରି ଏହାର ଦୀର୍ଘମିଆଦି ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିତରଣ କରିବାକୁ ଇଚ୍ଛା କରେ ତାହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବ । କର୍ପୋରେଟ୍ ଯୋଜନା ଉପରେ ଆଧାର କରି ଏକ ବଜେଟ୍ ପ୍ରସ୍ତୁତ ହେବ ଯାହା ଆର୍ଥିକ ଏବଂ ଅଣ-ଆର୍ଥିକ ଲକ୍ଷ୍ୟ ହାସଲ ସହିତ ସମ୍ପଦ ଆବଶ୍ୟକତାକୁ ଏକତ୍ର କରିବ । ପରବର୍ତ୍ତୀ ସମୟରେ, ଆର୍ଥିକ ଲକ୍ଷ୍ୟ ଏବଂ ସମ୍ପଦ ଆବଶ୍ୟକତା ଉପରେ ଆଧାର କରି ବାର୍ଷିକ ଯୋଜନାଗୁଡ଼ିକ ସଂପୃକ୍ତ ପ୍ରଶାସନିକ ବିଭାଗକୁ ପ୍ରତିବର୍ଷ ଜାନୁଆରୀରେ ପ୍ରସ୍ତୁତ ଏବଂ ଦାଖଲ କରାଯିବ ।

କମ୍ପାନୀ କର୍ପୋରେଟ୍ ଯୋଜନାକୁ ପ୍ରସ୍ତୁତ ସହିତ ବିଓଡିର ଅନୁମୋଦନ ପ୍ରାପ୍ତ କରି ଡିଓଡବ୍ଲୁଆର୍ ନିକଟରେ ଦାଖଲ କରିବ । କର୍ପୋରେଟ୍ ଯୋଜନା କାର୍ଯ୍ୟକାରୀ ହୋଇଛି କି ନାହିଁ, କମ୍ପାନୀର ପରିଚାଳନା ନିଶ୍ଚିତ କରିବାକୁ ଥିବାବେଳେ, ଡିଓଡବ୍ଲୁଆର୍‌ର ସଚିବ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହାସଲ କରିବାରେ କମ୍ପାନୀର ପରିଚାଳନାକୁ ବୋର୍ଡ କେତେ ମାର୍ଗଦର୍ଶନ କରିଥିଲେ ଏବଂ କାର୍ଯ୍ୟଦକ୍ଷତା ଲକ୍ଷ୍ୟ ତୁଳନାରେ ଅଗ୍ରଗତିର ସମୀକ୍ଷା ମଧ୍ୟ କରିଥାନ୍ତି ।

2016-21 ମଧ୍ୟରେ ଓସିସିଏଲ୍ ତିନି ବର୍ଷିଆ କର୍ପୋରେଟ୍ ଯୋଜନା କିମ୍ବା ବାର୍ଷିକ ଯୋଜନା ପ୍ରସ୍ତୁତ କରି ନଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । 2016-21 ଅବଧି ମଧ୍ୟରେ, ବିଓଡିର 21 ଟି ବୈଠକ ଅନୁଷ୍ଠିତ ହୋଇଥିବା ସତ୍ତ୍ୱେ କର୍ପୋରେଟ୍ ଏବଂ ବାର୍ଷିକ ଯୋଜନାଗୁଡ଼ିକର ଅଣ-ପ୍ରସ୍ତୁତି ଏବଂ ଅଣ-ଦାଖଲ ପ୍ରସଙ୍ଗ ଏହି ବୈଠକରେ ଆଲୋଚନ କରାଯାଇ ନଥିଲା । ପୁନଶ୍ଚ, ବିଓଡିର ଅଧକ୍ଷ ଥିବା ଡିଓଡବ୍ଲୁଆର୍ ସଚିବ ସେଗୁଡ଼ିକର ପ୍ରସ୍ତୁତି ଏବଂ ଦାଖଲ ପାଇଁ କିଛି ନିର୍ଦ୍ଦେଶ ଦେଇନଥିଲେ ।

ଏକ କର୍ପୋରେଟ୍ ଯୋଜନାର ଅନୁପସ୍ଥିତିରେ, ବ୍ୟବସାୟ ରଣନୀତି, ଚିହ୍ନିତ କାର୍ଯ୍ୟକ୍ରମ ବିଷୟଗୁଡ଼ିକର ପ୍ରାଥମିକତା କ୍ରମ ଏବଂ ଆଶଙ୍କା ହ୍ରାସ ପାଇଁ କମ୍ପାନୀ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଅନୁପସ୍ଥିତ ରହିଲା । ପୁନଶ୍ଚ, ବାର୍ଷିକ ଯୋଜନା ଗୁଡ଼ିକର ଅନୁପସ୍ଥିତିରେ, କମ୍ପାନୀର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟରେ ରୂପାନ୍ତର ହୋଇପାରିଲା ନାହିଁ, ଯାହା ବିଷୟରେ ପର୍ଯ୍ୟାୟକ୍ରମେ ସମୀକ୍ଷା କରାଯାଇପାରିବ ।

### *5.2.2 ଡିଓଡବ୍ଲୁଆର୍ ସହ ସ୍ୱାକ୍ଷରିତ ଏମ୍‌ଓୟୁ ରେ ବିନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକ ତୁଳନାରେ ସଫଳତା*

କମ୍ପାନୀ ପ୍ରତିବର୍ଷ ଡିଓଡବ୍ଲୁଆର୍ ସହିତ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରେ ଯେଉଁଥିରେ କାରବାର, ଲାଭ, ଇତ୍ୟାଦି ଉପରେ କମ୍ପାନୀ ତରଫରୁ ଲକ୍ଷ୍ୟ ଏବଂ ପ୍ରତିଶ୍ରୁତି ସ୍ଥିର କରାଯାଇଥାଏ । ମାର୍ଚ୍ଚ 2021 ରେ ଶେଷ ହେବାକୁ ଥିବା ପାଞ୍ଚ ବର୍ଷ ପାଇଁ କାରବାର ଲକ୍ଷ୍ୟ ଏବଂ ଟିକସ ପରେ ନିଟ୍ ଲାଭ ନିମ୍ନରେ **ସାରଣୀ 5.1** ରେ ଦର୍ଶାଯାଇଛି:

*ସାରଣୀ 5.1: 2016-21 ଅବଧିରେ ଓସିସିଏଲ୍ ଦ୍ୱାରା କାରବାର ଏବଂ ଟିକସ ପରେ ନିଟ୍ ଲାଭ ଧାର୍ଯ୍ୟ ଲକ୍ଷ୍ୟ ତଥା ହାସଲ ସଫଳତା*

*(ଟଙ୍କା କୋଟିରେ)*

| ବିଶେଷତା | ଲକ୍ଷ୍ୟ/ ସଫଳତା | 2016-17 | 2017-18 | 2018-19 | 2019-20 | 2020-21 |
|---|---|---|---|---|---|---|
| କାରବାର | ଲକ୍ଷ୍ୟ | 700 | 800 | 800 | 500 | 500 |
| | ସଫଳତା | 874 | 728 | 451 | 522 | 422 |
| | ସଫଳତାର ପ୍ରତିଶତ | 125 | 91 | 56 | 104 | 84 |
| ଟିକସ ପରେ ନିଟ୍ ଲାଭ | ଲକ୍ଷ୍ୟ | 6.93 | 28.64 | 20.47 | 19.17 | 17.13 |
| | ସଫଳତା | **35.45** | **67.16** | **50.13** | **49.03** | **34.21** |
| | ସଫଳତାର ପ୍ରତିଶତ | **512** | **234** | **245** | **256** | **200** |

*(ଉତ୍ସ: ଓସିସିଏଲ୍ ଦ୍ୱାରା ଦିଆଯାଇଥିବା ସୂଚନା)*

ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଓସିସିଏଲ୍ ପାଞ୍ଚ ବର୍ଷ ମଧ୍ୟରୁ ତିନି ବର୍ଷରେ (2016-17 ଏବଂ 2019-20 ବ୍ୟତୀତ) କାରବାର ଲକ୍ଷ୍ୟ ହାସଲ କରିପାରିଲା ନାହିଁ ଏବଂ 2017-18 ରୁ 2020-21 ଅବଧିରେ ସଫଳତାର ଧାରା ନିମ୍ନଗାମୀ ଥିଲା । କମ୍ପାନୀର କାରବାର ଲକ୍ଷ୍ୟ ମଧ୍ୟ 2017-19 ଅବଧିରେ 800 କୋଟି ଟଙ୍କାରୁ 2019-20 ଅବଧିରେ 500 କୋଟି ଟଙ୍କା ପର୍ଯ୍ୟନ୍ତ ଉଲ୍ଲେଖନୀୟ ଭାବରେ ନିମ୍ନଗାମୀ ଭାବରେ ସଂଶୋଧିତ ହୋଇଥିଲା । ପ୍ରକୃତ କାରବାର, 2016-17 ରେ 874 କୋଟି ଟଙ୍କାରୁ 2020-21 ରେ 422 କୋଟି ଟଙ୍କାକୁ ହ୍ରାସ ପାଇ 52 ପ୍ରତିଶତ ହ୍ରାସ ପାଇଥିଲା । ଏହି ବର୍ଷଗୁଡ଼ିକରେ ଓସିସିଏଲ୍‌କୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକର ମୂଲ୍ୟ 2016-17 ରେ 1,183 କୋଟି ଟଙ୍କାରୁ 2019-20 ରେ 202 କୋଟି ଟଙ୍କାକୁ ହ୍ରାସ ପାଇଥିଲା କାରଣ ଡିଓଡବ୍ଲୁଆର୍ କମ୍ପାନୀକୁ ପ୍ରତିବଦ୍ଧ ମୂଲ୍ୟର କାର୍ଯ୍ୟ ବଣ୍ଟନ କରିନଥିଲା । ଏଥିସହିତ, ଟେଣ୍ଡରଗୁଡ଼ିକରେ ଅଂଶଗ୍ରହଣ କରି କମ୍ପାନୀ ପାଇଥିବା କାର୍ଯ୍ୟ ସଂଖ୍ୟା ମଧ୍ୟ ହ୍ରାସ ପାଇଲା ଯାହା କାରବାର ଲକ୍ଷ୍ୟ ହାସଲ କରିବାରେ ସାମଗ୍ରିକ ଭାବରେ ହ୍ରାସ ଘଟାଇଲା ।

- 2016-21 ଅବଧିରେ, କମ୍ପାନୀ ଦ୍ୱାରା ପ୍ରାପ୍ତ ହୋଇଥିବା 3,148.42 କୋଟି ଟଙ୍କା ମୂଲ୍ୟର ମୋଟ କାର୍ଯ୍ୟ ମଧ୍ୟରୁ କେବଳ 260.46 କୋଟି ଟଙ୍କା ମୂଲ୍ୟର 18 ଟି କାର୍ଯ୍ୟ ଖୋଲା ଟେଣ୍ଡରରେ ଅଂଶଗ୍ରହଣ କରି ପ୍ରାପ୍ତ ହୋଇଥିଲା, ଯାହାକି ମାତ୍ର 8.27 ପ୍ରତିଶତ ଥିଲା । ଖୋଲା ବଜାରରେ ଟେଣ୍ଡର ମାଧ୍ୟମରେ ଚୁକ୍ତିନାମା ଜିତିବାରେ ଓସିସିଏଲ୍‌ର କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କମ୍ପାନୀ ଦ୍ୱାରା କୌଣସି ବିଶ୍ଳେଷଣ କରାଯାଇ ନଥିଲା । ଯଦିଓ ଟେଣ୍ଡରରେ ଅଂଶଗ୍ରହଣ ମାଧ୍ୟମରେ ଅତିକମରେ 20 ପ୍ରତିଶତ କାର୍ଯ୍ୟ ହସ୍ତଗତ କରିବାକୁ ବିଓଡି କମ୍ପାନୀ ପରିଚାଳନାକୁ ନିର୍ଦ୍ଦେଶ ଦେଇଥିଲା, ତଥାପି ତାହା ହାସଲ ହୋଇପାରି ନଥିଲା । କର୍ପୋରେଟ୍ ଯୋଜନା ଏବଂ ବାର୍ଷିକ ଯୋଜନାଗୁଡ଼ିକର ଅନୁପସ୍ଥିତିରେ, ଦୀର୍ଘ ଏବଂ ସ୍ୱଳ୍ପ ମିଆଦି ପଦକ୍ଷେପ ଗ୍ରହଣ କରିବାକୁ କିମ୍ବା କମ୍ପାନୀ ଦ୍ୱାରା ଏହି ଉଦ୍ଦେଶ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିବା ବିଷୟରେ କୌଣସି ସ୍ୱଷ୍ଟତା ନଥିଲା ।

- ଓସିସିଏଲ୍, ତଥାପି 2016-21 ଅବଧିରେ ସମସ୍ତ ବର୍ଷରେ ଟିକସ ପରେ ନିଟ୍ ଲାଭ ଲକ୍ଷ୍ୟ ହାସଲ କରିଥିଲା ଏବଂ ଏହି ସଫଳତା ଧାର୍ଯ୍ୟ ଲକ୍ଷ୍ୟ ଠାରୁ 200 ରୁ 512 ପ୍ରତିଶତ ଅଧିକ ଥିଲା ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ଯଦିଓ କମ୍ପାନୀ ପାଞ୍ଚ ବର୍ଷ ମଧ୍ୟରେ ତିନି ବର୍ଷରେ କାରବାର ଲକ୍ଷ୍ୟ ହାସଲ କରିପାରି ନଥିଲା ଏବଂ 2016-21 ଅବଧିରେ କାରବାର ମଧ୍ୟ ହ୍ରାସ ପାଇଥିଲା, ସମାନ ସମୟରେ ଲାଭ ପରିମାଣ, ତଥାପି ଅପରିବର୍ତ୍ତିତ ରହିଥିଲା । ଆହୁରି ମଧ୍ୟ ଅର୍ଜନ ହୋଇଥିବା ଲାଭ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଯଥେଷ୍ଟ ଅଧିକ ଥିଲା । ଏହା ସୂଚାଉଥିଲା ଯେ  କାରବାର ଏବଂ ଲାଭ ପାଇଁ ସ୍ଥିର ହୋଇଥିବା ଲକ୍ଷ୍ୟଗୁଡ଼ିକ ବାସ୍ତବ

ନଥିଲା । କାରବାର ଲକ୍ଷ୍ୟ ହାସଲ ନକରି ଲାଭ ପାଇଁ ଲକ୍ଷ୍ୟ ହାସଲ କରିବା, ଲକ୍ଷ୍ୟ ସ୍ଥିର କରିବାର ରଣନୀତି ଉପରେ ଏକ ପୁନର୍ବିଚାର ଆବଶ୍ୟକ କରେ ।

## 5.3 କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା ସ୍ଥିତି

2016-21 ଅବଧି ପାଇଁ କାର୍ଯ୍ୟପ୍ରାପ୍ତି ଏବଂ କାର୍ଯ୍ୟକାରିତାର ବର୍ଷଓ୍ୱାରୀ ସ୍ଥିତି ନିମ୍ନପ୍ରକାରେ ଥିଲା:

***ସାରଣୀ5.2: 2016-21 ଅବଧି ମଧ୍ୟରେ ଓସିସିଏଲ୍‌ର କାର୍ଯ୍ୟ ପ୍ରାପ୍ତି ଏବଂ କାର୍ଯ୍ୟକାରିତା***

| ବର୍ଷ | ପୁର୍ବ ବର୍ଷ ଠାରୁ ସ୍ପିଲ୍ ଓଭର | | ବର୍ଷରେ ପ୍ରାପ୍ତି ପ୍ରକଳ୍ପଗୁଡ଼ିକ | | ସଂପୂର୍ଣ୍ଣ (ସଂଖ୍ୟା) | କାର୍ଯ୍ୟକାରୀ/ ସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ମୂଲ୍ୟ (ଟଙ୍କା କୋଟିରେ) | ଅସମ୍ପୂର୍ଣ୍ଣ (ସଂଖ୍ୟା) | ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ମୂଲ୍ୟ (ଟଙ୍କା କୋଟିରେ) |
|---|---|---|---|---|---|---|---|---|
| | ସଂଖ୍ୟା | ମୂଲ୍ୟ (ଟଙ୍କା କୋଟିରେ) | ସଂଖ୍ୟା | ମୂଲ୍ୟ[3] (ଟଙ୍କା କୋଟିରେ) | | | | |
| | *କ* | *ଖ* | *ଗ* | *ଘ* | *ଙ* | *ଚ* | *ଛ (କ+ଗ-ଙ)* | *ଜ (ଖ+ଘ-ଚ)* |
| 2016-17 | 225 | 1014.56 | 70 | 1412.57 | 117 | 874.03 | 178 | 1553.10 |
| 2017-18 | 178 | 1553.1 | 32 | 568.92 | 77 | 727.83 | 133 | 1394.19 |
| 2018-19 | 133 | 1394.19 | 58 | 164.22 | 47 | 451.01 | 144 | 1107.40 |
| 2019-20 | 144 | 1107.4 | 60 | 438.7 | 98 | 521.64 | 106 | 1024.46 |
| 2020-21 | 106 | 1024.46 | 81 | 564.01 | 60 | 421.69 | 127 | 1166.78 |

***(ଉତ୍ସ: ଓସିସିଏଲ୍ ଦ୍ୱାରା ଦିଆଯାଇଥିବା ସୂଚନା)***

ଓସିସିଏଲ୍ 2016-21 ଅବଧିରେ 2,996.20 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରିଥିଲା । ଏକ ବର୍ଷ ମଧ୍ୟରେ ପ୍ରକଳ୍ପର କାର୍ଯ୍ୟକାରିତା ଏହି ସମୟ ମଧ୍ୟରେ କମ୍ପାନୀ ନିକଟରେ ଉପଲବ୍ଧ ପ୍ରକଳ୍ପର ମୋଟ ମୂଲ୍ୟର 27 ରୁ 36 ପ୍ରତିଶତ ମଧ୍ୟରେ ରହିଥିଲା । 2016-21 ଅବଧିରେ ଥିବା 526 ଟି ପ୍ରକଳ୍ପ ମଧ୍ୟରୁ କମ୍ପାନୀ କେବଳ 399 (76 ପ୍ରତିଶତ) ସମ୍ପୂର୍ଣ୍ଣ କରିଥିଲେ । 127 ଟି ଅସମ୍ପୂର୍ଣ୍ଣ ପ୍ରକଳ୍ପ ମଧ୍ୟରୁ 21 ଟି ପ୍ରକଳ୍ପର କାର୍ଯ୍ୟ ମାର୍ଚ୍ଚ 2021 ସୁଦ୍ଧା ଆରମ୍ଭ ହୋଇନଥିଲା ଏବଂ 106 ଟି ପ୍ରକଳ୍ପରେ କାର୍ଯ୍ୟ ଜାରି ରହିଥିଲା । ଚାଲୁଥିବା 54 ଟି ପ୍ରକଳ୍ପ କ୍ଷେତ୍ରରେ, ଡିସେମ୍ବର 2021 ସୁଦ୍ଧା ସାତ ମାସରୁ ପ୍ରାୟ ଆଠ ବର୍ଷ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ପ୍ରତିକୂଳ କାର୍ଯ୍ୟସ୍ଥଳ ଅବସ୍ଥା (3 ପ୍ରକଳ୍ପ), ବିସ୍ତୃତ ପ୍ରକଳ୍ପ ରିପୋର୍ଟ/ ନକ୍ସା ପାଇଁ ଅନୁମୋଦନ (10 ଟି ପ୍ରକଳ୍ପ), ଜଙ୍ଗଲ ଜମି ମଞ୍ଜୁରୀ (14 ଟି ପ୍ରକଳ୍ପ), କୋଭିଡ୍-19 ସଂକ୍ରମଣ ସମୟରେ ଶ୍ରମଶକ୍ତିର ଅନୁପଲବ୍ଧତା (7 ଟି ପ୍ରକଳ୍ପ) ଏବଂ ଜମି ଅଧିଗ୍ରହଣ ଏବଂ ଜମି ମାଲିକମାନଙ୍କର ପୁନଥଇଥାନ (20 ଟି ପ୍ରକଳ୍ପ) ପରି ବିଷୟ ବିଳମ୍ବର କାରଣ ଭାବରେ ଦର୍ଶାଯାଇଥିଲା ।

ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା 21 ଟି ପ୍ରକଳ୍ପ ମଧ୍ୟରୁ, ବିଭିନ୍ନ କାରଣରୁ ନଅ ମାସରୁ ପ୍ରାୟ ନଅ ବର୍ଷ ପର୍ଯ୍ୟନ୍ତ (ଡିସେମ୍ବର 2021 ସୁଦ୍ଧା) କାର୍ଯ୍ୟଗୁଡ଼ିକ ଆରମ୍ଭ ହୋଇନଥିଲା, ଯେପରିକି ପ୍ରତିକୂଳ ସାଇଟ୍ ଅବସ୍ଥା[4] (1 ପ୍ରକଳ୍ପ), ନକ୍ସା ଅନୁମୋଦନ ପାଇଁ ଅପେକ୍ଷା/ ଡିଜାଇନ୍[5] (4 ଟି ପ୍ରକଳ୍ପ), କୋଭିଡ୍-19 ସଂକ୍ରମଣ[6] ସମୟରେ ଶ୍ରମର ଅନୁପଲବ୍ଧତା (10 ଟି ପ୍ରକଳ୍ପ) ଏବଂ ଅନ୍ୟାନ୍ୟ କାରଣ[7] ((6 ଟି ପ୍ରକଳ୍ପ) ।

ଅଡିଟ୍, ବିଚାର ଆଧାରରେ ମନୋନୀତ 48 ଟି ପ୍ରକଳ୍ପର ନଥିର ପରୀକ୍ଷା ଯାଞ୍ଚ କରିଥିଲା ଏବଂ ପର୍ଯ୍ୟବେକ୍ଷଣଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଉପସ୍ଥାପିତ କରାଯାଇଛି ।

---

[3] ପରବର୍ତ୍ତୀ ସମୟରେ କରାଯାଇଥିବା ଚୁକ୍ତିଗୁଡ଼ିକର ମୂଲ୍ୟର ସଂଶୋଧନ ସହିତ

[4] ନଅ ମାସ

[5] 10 ମାସରୁ ନଅ ବର୍ଷ

[6] ନଅ ମାସରୁ 11 ମାସ

[7] ନଅ ମାସରୁ 12 ମାସ

## 5.4 ଡିଓଡବ୍ଲୁଆର୍ ଦ୍ୱାରା ବର୍ଣ୍ଣିତ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା

ରାଜ୍ୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ମାଧ୍ୟମରେ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟ ପ୍ରଦାନ ପାଇଁ ପୂର୍ତ୍ତ ବିଭାଗ, ଜିଓଆଇ (ସେପ୍ଟେମ୍ବର 2012) ନିର୍ଦ୍ଦେଶାବଳୀ ଜାରି କରିଛି । ପ୍ରକ୍ରିୟା ଅନୁଯାୟୀ, କାର୍ଯ୍ୟନିର୍ବାହୀ ପିଏସ୍‌ୟୁ ପୂର୍ତ୍ତ ବିଭାଗ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଧାରିତ ମୂଲ୍ୟ (ଏସ୍‌ଓଆର୍) ଆଧାରରେ ସରକାରୀ ପ୍ରକଳ୍ପଗୁଡ଼ିକ ପାଇଁ ମୂଲ୍ୟ ଆକଳନ ପ୍ରସ୍ତୁତ କରିବ । ଆହୁରି ମଧ୍ୟ, ଅକ୍ଟୋବର 2013 ରେ ପୂର୍ତ୍ତ ବିଭାଗ ଦ୍ୱାରା ସୂଚିତ ପ୍ରକ୍ରିୟା ଅନୁଯାୟୀ, ସମୁଦାୟ ଆକଳନ ମୂଲ୍ୟ ନିରୂପଣ କରିବା ପାଇଁ ଓଭର ହେଡ୍ ଚାର୍ଜ ଏବଂ ଠିକାଦାରଙ୍କ ଲାଭ 7.5 ପ୍ରତିଶତ ହାରରେ ପ୍ରତ୍ୟେକ କାର୍ଯ୍ୟ ପାଇଁ ଯୋଗ କରାଯାଏ । ଏହିପରି, ଏକ ପିଏସ୍‌ୟୁ ଦ୍ୱାରା ପ୍ରସ୍ତୁତ ଏକ ପ୍ରକଳ୍ପର ସମୁଦାୟ ଆକଳନ ମୂଲ୍ୟରେ, ସାମଗ୍ରୀ, ଶ୍ରମ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହିତ ଓଭରହେଡ୍ ଚାର୍ଜ ଏବଂ ଠିକାଦାରଙ୍କ ଲାଭ ଅନ୍ତର୍ଭୁକ୍ତ । ଏହାପରେ ପିଏସ୍‌ୟୁ ପ୍ରକଳ୍ପର ଆକଳନ ମୂଲ୍ୟ ଦର୍ଶାଇ କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ଠିକାଦାର ଚୟନ ପାଇଁ ଟେଣ୍ଡର ଆହ୍ୱାନ କରିବ । ଏହିପରି, ଓସିସିଏଲ୍ ଦ୍ୱାରା ପ୍ରସ୍ତୁତ ଖର୍ଚ୍ଚ ଆକଳନ ଠିକାଦାରଙ୍କ ଦ୍ୱାରା ଉଦ୍ଧୃତ ମୂଲ୍ୟ ଉପରେ ପ୍ରଭାବ ପକାଇଥାଏ ।

ଓସିସିଏଲ୍, ଠିକାଦାରକୁ ପ୍ରଦାନ କରାଯାଉଥିବା କାର୍ଯ୍ୟ ମୂଲ୍ୟ ଉପରେ 10 ପ୍ରତିଶତ ଓଭରହେଡ୍ ଚାର୍ଜ ଡିଓଡବ୍ଲୁଆର୍‌ରୁ ପାଇବାକୁ ହକ୍‌ଦାର ଥାଏ । ଏହପରି, ଡିଓଡବ୍ଲୁଆର୍ ପାଇଁ, ଓସିସିଏଲ୍ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ଏକ ପ୍ରକଳ୍ପର ମୂଲ୍ୟ, ଓସିସିଏଲ୍ ଦ୍ୱାରା ଠିକାଦାରକୁ ପ୍ରଦାନ କରାଯାଇଥିବା ମୂଲ୍ୟ ଏବଂ ସେଥିରେ 10 ପ୍ରତିଶତ ମୂଲ୍ୟ ଯୋଗ କରାଯାଇ ମୂଲ୍ୟାୟନ କରାଯାଇଥାଏ ।

ଅଡିଟ୍, ତଥାପି ଖର୍ଚ୍ଚ ଆକଳନ ପ୍ରସ୍ତୁତି ଏବଂ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟନିର୍ବାହରେ ତ୍ରୁଟି ଲକ୍ଷ୍ୟ କଲା, ଯାହା ଦ୍ୱାରା ଅଧିକ ବ୍ୟୟବରାଦ ହେଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### *5.4.1 ଆକଳନ ପ୍ରସ୍ତୁତି*

ଓପିଡବ୍ଲୁଡି କୋଡର ଅନୁଚ୍ଛେଦ 3.4.10(i) ରେ ଧାର୍ଯ୍ୟ କରାଯାଇଛି ଯେ ପ୍ରଚଳିତ ଏସ୍‌ଓଆର୍ ଆଧାରରେ ଆକଳନ ପ୍ରସ୍ତୁତ କରାଯିବା ଉଚିତ୍ ଏବଂ ଆକଳନରେ ଆଇଟମ୍ ହାର ପାଇଁ ବ୍ୟବସ୍ଥା ମିତବ୍ୟୟତା ଢଙ୍ଗରେ କରାଯିବା ଉଚିତ୍ । ଓଡ଼ିଶା ସାଧାରଣ ଆର୍ଥିକ ନିୟମ (ଓଜିଏଫ୍‌ଆର୍) ର ନିୟମ 132 ରେ ମଧ୍ୟ ଦର୍ଶାଯାଇଛି ଯେ ଯଦି କୌଣସି କାରଣ ପାଇଁ ଏସ୍‌ଓଆର୍ ଯଥେଷ୍ଟ ବିବେଚନା କରାନଯାଏ, ତେବେ ବ୍ୟବହୃତ ହାର କେଉଁ ଉପାୟରେ ନିରୂପଣ ହୋଇଛି ତାହା ଆକଳନ ଉପରେ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯିବା ଉଚିତ୍ । ଆକଳନ ପ୍ରସ୍ତୁତିରେ ଅଡିଟ୍ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କଲା:

### *5.4.2 ଡ୍ରେଜର ଏବଂ ପାଇପ୍ ଲାଇନର ମୂଲ୍ୟ ବୃଦ୍ଧି ହେତୁ ଠିକାଦାରଙ୍କୁ 7.72 କୋଟି ଟଙ୍କାର ଅଯଥା ଲାଭ*

ଡିଓଡବ୍ଲୁଆର୍ 222.19 କୋଟି ଟଙ୍କା ଅସ୍ଥାୟୀ ଆକଳନ ମୂଲ୍ୟରେ ଓସିସିଏଲ୍ ଦ୍ୱାରା "ମହାନଦୀ ବ୍ୟାରେଜ୍ ଉପର ମୁଣ୍ଡରେ ସୋଆଲ ଅପସାରଣ" କାର୍ଯ୍ୟର କାର୍ଯ୍ୟକାରିତା ପାଇଁ ପ୍ରସ୍ତାବ ଦେଇଥିଲା (ଅକ୍ଟୋବର 2015) । କାର୍ଯ୍ୟର ପରିସର ମଧ୍ୟରେ ଏକ ରୁ ସାତ ମିଟର ପର୍ଯ୍ୟନ୍ତ ନଦୀ ଶଯ୍ୟାକୁ ଖୋଳିବା ଏବଂ ପାଇପ୍ ଲାଇନ୍ ମାଧ୍ୟମରେ 2.5 କିଲୋମିଟର ଦୂରରେ ବାହାର କରାଯାଇଥିବା ସୋଆଲ ନିଷ୍କାସନ କରିବା ଅନ୍ତର୍ଭୁକ୍ତ । ଯେହେତୁ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରସ୍ତୁତ ଏସ୍‌ଓଆର୍‌ରେ (ନଭେମ୍ବର 2014) ଡ୍ରେଜିଂର ୟୁନିଟ୍ ମୂଲ୍ୟ ଅନ୍ତର୍ଭୁକ୍ତ ହୋଇନଥିଲା, ଡିଓଡବ୍ଲୁଆର୍ ଦ୍ୱାରା ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା (2014-15) କାର୍ଯ୍ୟରେ ଡ୍ରେଜିଂ ପାଇଁ ଖର୍ଚ୍ଚକୁ ଆକଳନ ପ୍ରସ୍ତୁତି ପାଇଁ ଆଧାର ଭାବରେ ନିଆଯାଇଥିଲା । ତଦନୁସାରେ, ଘନ ମିଟର (କ୍ୟୁମି) ପ୍ରତି 113.63 ଟଙ୍କା ହାରରେ ଡ୍ରେଜର ଏବଂ ଆନୁଷଙ୍ଗିକ ସାମଗ୍ରୀର ଭଡ଼ାକୁ ଅସ୍ଥାୟୀ ଆକଳନ ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ସେପ୍ଟେମ୍ବର 2012 ରେ ପୂର୍ତ୍ତ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ, ଓସିସିଏଲ୍ କାର୍ଯ୍ୟର ମୂଲ୍ୟ ଆକଳନ (ଫେବୃଆରୀ 2016) 298.44 କୋଟି ଟଙ୍କା ହିସାବରେ ପ୍ରସ୍ତୁତ କରିଥିଲା । ମୂଲ୍ୟ

ଆକଳନରେ ଡ୍ରେଜର ଏବଂ ଆନୁଷଙ୍ଗିକ ଯନ୍ତ୍ର ପାଇଁ ଭଡ଼ା ବାବଦକୁ 65.96 କୋଟି ଟଙ୍କା ଅନ୍ତର୍ଭୁକ୍ତ ହୋଇଥିଲା, ଯାହା ସମାନ ପ୍ରକାରର ପୂର୍ବ କାର୍ଯ୍ୟରେ ହୋଇଥିବା ଖର୍ଚ୍ଚ ଉପରେ ଆଧାର କରି ଡିଓଡବ୍ଲୁଆର୍ ଦ୍ଵାରା ଗ୍ରହଣ କରାଯାଇଥିବା କ୍ୟୁମି ପିଛା 113.63 ଟଙ୍କା ବିପକ୍ଷରେ କ୍ୟୁମି ପ୍ରତି 126.26 ଟଙ୍କା ହାରରେ ହିସାବ କରାଯାଇଥିଲା । ଏହିପରି, ଖର୍ଚ୍ଚ ଆକଳନରେ ଡ୍ରେଜିଂ କାର୍ଯ୍ୟ ପାଇଁ କ୍ୟୁମି ପିଛା 12.63 ଟଙ୍କା ବୃଦ୍ଧି କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଓଜିଏଫ୍ଆର୍‌ର ନିୟମ 132 ଅନୁଯାୟୀ ଏସ୍ଓଆର୍‌ରେ ଡ୍ରେଜର ଏବଂ ଆନୁଷଙ୍ଗିକ ଯନ୍ତ୍ର ଭଡ଼ା ହାରର ଅନୁପସ୍ଥିତିରେ, ପୂର୍ବ କାର୍ଯ୍ୟରେ ଡ୍ରେଜିଂ ପାଇଁ ଖର୍ଚ୍ଚ ଆଧାରରେ (ଅଗଷ୍ଟ 2015) ଡ୍ରେଜିଂ ଚାର୍ଜ କ୍ୟୁମି ପିଛା 113.63 ଟଙ୍କା ହିସାବରେ ଗ୍ରହଣ କରାଯାଇଥିଲା । ଓସିସିଏଲ୍ ମଧ୍ଯ ଡ୍ରେଜିଂ ଚାର୍ଜ କ୍ୟୁମି ପ୍ରତି 113.63 ଟଙ୍କା ଭାବରେ ନେଇ ଡିସେମ୍ବର 2015 ରେ କାମ ପାଇଁ ଏକ ଆକଳନ ପ୍ରସ୍ତୁତ କରିଥିଲା । ଫେବୃଆରୀ 2016 ରେ ଓସିସିଏଲ୍ ଦ୍ଵାରା ପ୍ରସ୍ତୁତ ସଂଶୋଧିତ ଆକଳନରେ, ଓସିସିଏଲ୍ ଏହିପରି ବୃଦ୍ଧି ପାଇଁ କୌଣସି ଯଥାର୍ଥତା ଉଲ୍ଲେଖ ନକରି ଡ୍ରେଜିଂ ମୂଲ୍ୟକୁ କ୍ୟୁମି ପିଛା 126.26 ଟଙ୍କାକୁ ବୃଦ୍ଧି କରିଥିଲା । କୌଣସି ଯଥାର୍ଥତା ବିନା ଯୁକ୍ତିଯୁକ୍ତ ହାରରୁ ବିଚ୍ୟୁତ ହେବା ଓଜିଏଫ୍ଆର୍‌ର ନିୟମକୁ ଉଲ୍ଲଂଘନ କରୁଥିଲା, ତେଣୁ, ଏହା ମନମୁଖି ଥିଲା । ଡିଓଡବ୍ଲୁଆର୍ ମଧ୍ଯ ଓସିସିଏଲ୍‌ଠାରୁ କୌଣସି ବିବରଣୀ ନନେଇ ଅଧିକ ହାର ଗ୍ରହଣ କରିଥିଲା (ଡିସେମ୍ବର 2019) ଏବଂ ଓସିସିଏଲ୍ ସହିତ ଚୁକ୍ତିନାମା ସ୍ଵାକ୍ଷର କରିଥିଲା ।

ଓସିସିଏଲ୍ ଫେବୃଆରୀ 2019 ରୁ ଡିସେମ୍ବର 2019 ମଧ୍ୟରେ 148.93 କୋଟି ଟଙ୍କା ଟେଣ୍ଡର ମୂଲ୍ୟରେ ଡ୍ରେଜିଂ କାର୍ଯ୍ୟ ପ୍ରଦାନ କରିଥିଲେ । ଠିକାଦାର ଜୁଲାଇ 2021 ସୁଦ୍ଧା 55.40 ଲକ୍ଷ କ୍ୟୁମି କମ୍ କାର୍ଯ୍ୟ କରିଥିଲେ ଯେଉଁଥିରେ ଡ୍ରେଜିଂ ପାଇଁ ଅଧିକ ହାର ଗ୍ରହଣ ହେତୁ ଅତିରିକ୍ତ 7.72 କୋଟି ଟଙ୍କା ବ୍ୟୟ ହୋଇଥିଲା (***ପରିଶିଷ୍ଟ 5.1***) ।

### 5.4.3 ଖୋଲାଯାଇଥିବା ସାମଗ୍ରୀ ବିଛାଇବା ପାଇଁ ଅଧିକ ଖର୍ଚ୍ଚ ହାର ଗ୍ରହଣ

ଏସ୍ଓଆର୍ 2014 ଅନୁଯାୟୀ, ଘଣ୍ଟା ପ୍ରତି 200 କ୍ୟୁମି ଏବଂ ଘଣ୍ଟା ପ୍ରତି 300 କ୍ୟୁମି କ୍ଷମତା ବିଶିଷ୍ଟ ଡୋଜର ବ୍ୟବହାର କରି ଖୋଲାଯାଇଥିବା ସାମଗ୍ରୀ ବିଛାଇବାର ହାର ଯଥାକ୍ରମେ 7.96 ଟଙ୍କା ଏବଂ 7.30 ଟଙ୍କା ଥିଲା । ଏହିପରି, ଘଣ୍ଟା ପ୍ରତି 300 କ୍ୟୁମି ଆଉଟପୁଟ୍ କ୍ଷମତା ବିଶିଷ୍ଟ ଡୋଜରର ବ୍ୟବହାର ମିତବ୍ୟୟି ଥିଲା ।

କମ୍ ମୂଲ୍ୟ ହାରରେ (7.30 ଟଙ୍କା ପ୍ରତି କ୍ୟୁମି) ଉଚ୍ଚ କ୍ଷମତା ବିଶିଷ୍ଟ ଡୋଜର (300 କ୍ୟୁମି) ବ୍ୟବହାର ପରିବର୍ତ୍ତେ, ଓସିସିଏଲ୍, "ମହାନଦୀ ବ୍ୟାରେଜ୍‌ର ଉପରମୁଣ୍ଡ ପାର୍ଶ୍ୱରେ ସୋଆଲ ଅପସରଣ" କାର୍ଯ୍ୟର ମୂଲ୍ୟ ଆକଳନ ପ୍ରସ୍ତୁତ କରିବା ପାଇଁ 200 କ୍ୟୁମି କ୍ଷମତା ବିଶିଷ୍ଟ ଡୋଜରର ବ୍ୟବହାରକୁ ବିବେଚନା କରିଥିଲା ଏବଂ ସେହି ଅନୁଯାୟୀ କ୍ୟୁମି ପ୍ରତି 7.96 ଟଙ୍କା ହାର ପ୍ରୟୋଗ କରିଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ଏସ୍ଓଆର୍ ଆଧାରରେ ଏହା ସ୍ପଷ୍ଟ ଯେ ଉଚ୍ଚ କ୍ଷମତା ବିଶିଷ୍ଟ ମେସିନ୍ ବ୍ୟବହାର ପାଇଁ ବ୍ୟବସ୍ଥା ଦ୍ଵାରା କିମି ପ୍ରତି 0.66 ଟଙ୍କା କମ୍ ବ୍ୟୟ ହୋଇଥାନ୍ତା । ଏହିପରି, 38.78 ଲକ୍ଷ କ୍ୟୁମିର କାର୍ଯ୍ୟ ପାଇଁ 200 କ୍ୟୁମି ଡୋଜର ବ୍ୟବହାର ଦ୍ଵାରା ଓସିସିଏଲ୍ ଏବଂ ସର୍ବଶେଷରେ ବିଭାଗ, 28.29 ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିଥିଲା ।

### 5.4.4 ମୂଲ୍ୟ ଆକଳନରେ ବର୍ଦ୍ଧିତ ମୂଲ୍ୟ ଅନ୍ତର୍ଭୁକ୍ତ ହେତୁ ଠିକାଦାରଙ୍କୁ 1.62 କୋଟି ଟଙ୍କାର ଅଯଥା ଲାଭ

ଗୋଟିଏ ପରୀକ୍ଷା ଯାଞ୍ଚ ପ୍ରକଳ୍ପରେ[8], ଓସିସିଏଲ୍, ଅନୁମୋଦିତ ଉଧାର କ୍ଷେତ୍ରରୁ ମୃତ୍ତିକା ଖନନ କାର୍ଯ୍ୟ ସହିତ ଷ୍ଟ୍ରିପିଂ ଚାର୍ଜ ଏବଂ ପ୍ରକଳ୍ପ ସ୍ଥଳକୁ ପରିବହନ କ୍ୟୁମି ପ୍ରତି 302 ଟଙ୍କା ହିସାବରେ ଅନ୍ତର୍ଭୁକ୍ତ କରିଥିଲେ (ମାର୍ଚ୍ଚ 2016) । ସମାନ ଖନନ କାର୍ଯ୍ୟ ପାଇଁ ଏସ୍ଓଆର୍‌ରେ ପ୍ରଦାନ କରାଯାଉଥିବା ହାର କ୍ୟୁମି ପ୍ରତି 272.78 ଟଙ୍କା ଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ ।

---

[8] ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ହଳଦିଆ ଡ୍ୟାମର ସ୍ପିଲୱେ ନିର୍ମାଣ (ଏଚ୍ଏସ୍‌ପି 127:04)

ଅଡିଟ୍ ଲକ୍ଷ୍ୟ କଲେ ଯେ କାର୍ଯ୍ୟ ପାଇଁ ଖନନ ମୂଲ୍ୟ ହାର (ଏସ୍ଓଆର୍ ଉପରେ ଆଧାର କରି) ନିରୂପଣ ବେଳେ ଓସିସିଏଲ୍, ଆକଳନରେ ଷ୍ଟ୍ରିପିଂ ପାଇଁ ଅତିରିକ୍ତ ଖର୍ଚ୍ଚ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲା । ଏସ୍ଓଆର୍ ରେ ଅନ୍ତର୍ଭୁକ୍ତ ଖନନ ମୂଲ୍ୟ ହାରରେ ଷ୍ଟ୍ରିପିଂ ଚାର୍ଜ ଅନ୍ତର୍ଭୁକ୍ତ କରାଯାଇଥିଲା ବେଳେ ଏହିପରି ଅତିରିକ୍ତ ଖର୍ଚ୍ଚ ଅନାବଶ୍ୟକ ଥିଲା । ପୁନଶ୍ଚ, ଯେତେବେଳେ ଏସ୍ଓଆର୍, ଟାୟାର୍ ଏବଂ ଟ୍ୟୁବ୍ ପାଇଁ ଘଣ୍ଟା ପ୍ରତି ନଅ ଟଙ୍କା ମୂଲ୍ୟ ଅବନତି ହାର ପ୍ରଦାନ କରିଥିଲା, ଓସିସିଏଲ୍ ଘଣ୍ଟା ପ୍ରତି 24 ଟଙ୍କା ଅନ୍ତର୍ଭୁକ୍ତ କରିଥିଲା । ଫଳସ୍ୱରୁପ, କାର୍ଯ୍ୟର ମୂଲ୍ୟ ଆକଳନ କ୍ୟୁମି ପିଛା 29.22 ଟଙ୍କା ବୃଦ୍ଧି ପାଇଲା[9] ।

ଏହି ବର୍ଦ୍ଧିତ ଆକଳନକୁ ଆଧାର କରି, ଜୁନ୍ 2016 ରେ ଓସିସିଏଲ୍ ଦ୍ୱାରା 134.71 କୋଟି ଟଙ୍କା ଟେଣ୍ଡର ମୂଲ୍ୟରେ ଏକ ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ବର୍ଦ୍ଧିତ ଆକଳନ ହେତୁ 5.63 ଲକ୍ଷ କ୍ୟୁମି ଖନନ ଏବଂ ପରିବହନ ପାଇଁ ଠିକାଦାର (ମେସର୍ସ ଡି.ଡି. ବିଲ୍ଡରସ୍) କୁ 1.62 କୋଟି ଟଙ୍କାର ଅଯଥା ଲାଭ ପ୍ରଦାନ କରାଯାଇଥିଲା ।

ବରିଷ୍ଠ ପରିଚାଳକ (ଏସ୍ଏମ୍) ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2021) ଯେ ଅଡିଟ୍ ଦ୍ୱାରା ଉଧାର କ୍ଷେତ୍ରର ଷ୍ଟ୍ରିପିଂ ମୂଲ୍ୟ ବିବେଚନା କରାଯାଇ ନାହିଁ ଏବଂ ବଜାର ମୂଲ୍ୟ ଅନୁଯାୟୀ ଟାୟାର ଏବଂ ଟ୍ୟୁବ୍‌ର ମୂଲ୍ୟ ହ୍ରାସ କରାଯାଇଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଏସ୍ଓଆର୍ ମଧ୍ୟରେ ଷ୍ଟ୍ରିପିଂ ଚାର୍ଜ ଅନ୍ତର୍ଭୁକ୍ତ ଥିଲା । ପୁନଶ୍ଚ, ମୂଲ୍ୟ ଆକଳନ ପ୍ରସ୍ତୁତି ସମୟରେ ପ୍ରଚଳିତ ଥିବା ଘଣ୍ଟା ପ୍ରତି 9 ଟଙ୍କାରେ ସ୍ଥିର ହୋଇଥିବା ଅବନତି ହାରକୁ ବିଚାର କରାଯିବା ଉଚିତ୍ ।

### 5.4.5 *ଜେଡ୍-କିସମ ସିଟ୍ ପାଇଲ୍ ଏବଂ ପଥର ପାଇଁ ଅଧିକ ମୂଲ୍ୟହାର ଗ୍ରହଣ ହେତୁ ଠିକାଦାରଙ୍କୁ 1.27 କୋଟି ଟଙ୍କାର ଅଯଥା ଲାଭ*

ପୂର୍ତ୍ତ ବିଭାଗ, ପିଏସ୍ୟୁ ମାଧ୍ୟମରେ କାର୍ଯ୍ୟ ନିର୍ବାହ ପାଇଁ କାର୍ଯ୍ୟ ପଦ୍ଧତି ଜାରି କରିଛି (ସେପ୍ଟେମ୍ବର, 2012) ଯାହା ମଧ୍ୟ ସ୍ଥିର କରିଛି ଯେ ବିଦ୍ୟମାନ ଏସ୍ଓଆର୍ ଆଧାରରେ ପିଏସ୍ୟୁ ଦ୍ୱାରା ଆକଳନ ପ୍ରସ୍ତୁତ କରାଯିବା ଉଚିତ୍ ।

ଡିଓଡବ୍ଲୁଆର୍ ଦ୍ୱାରା ଓସିସିଏଲ୍‌କୁ ଆବଣ୍ଟିତ ତିନୋଟି ପ୍ରକଳ୍ପ କ୍ଷେତ୍ରରେ, ଅଡିଟ୍ ଲକ୍ଷ୍ୟ କଲା ଯେ ଏସ୍ଓଆର୍ ଅନୁଯାୟୀ ପ୍ରଯୁଜ୍ୟ ଠାରୁ ଅଧିକ ମୂଲ୍ୟହାରରେ ଓସିସିଏଲ୍ ଆକଳନ ପ୍ରସ୍ତୁତ କରିଥିଲା । ଏହି କାର୍ଯ୍ୟଗୁଡ଼ିକ ପାଇଁ କାର୍ଯ୍ୟନିର୍ବାହୀ ଚୟନ ପାଇଁ ଟେଣ୍ଡରଗୁଡ଼ିକ ଏହି ବର୍ଦ୍ଧିତ ଆକଳନ ଆଧାରରେ ଆହ୍ୱାନ କରାଗଲା । ଫଳସ୍ୱରୂପ 1.27 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ଯାହା ନିମ୍ନରେ ଆଲୋଚନା କରାଯାଇଛି:

କ) ଦୁଇଟି ପ୍ରକଳ୍ପ[10]ରେ, "ଡ୍ରାଇଭିଂ ଏବଂ ଜେଡ୍-କିସମ ସିଟ୍ ପାଇଲ୍‌ସର ଫିକ୍ସିଂ" ସମ୍ବନ୍ଧରେ, ଓସିସିଏଲ୍ ଦ୍ୱାରା ଗ୍ରହଣ କରାଯାଇଥିବା ହାର ଏସ୍ଓଆର୍‌ରେ ଉଲ୍ଲେଖ କରାଯାଇଥିବା ମୂଲ୍ୟହାର ଠାରୁ 1,522.57[11] ଟଙ୍କା ଏବଂ 4,340.15[12] ଟଙ୍କା ଅଧିକ ଥିଲା । ଏହି କାର୍ଯ୍ୟଗୁଡ଼ିକ ଜାନୁଆରୀ 2016 ରୁ ନଭେମ୍ବର 2020 ମଧ୍ୟରେ ଠିକାଦାରଙ୍କୁ ମୋଟ 74.30 ଲକ୍ଷ ଟଙ୍କାରେ ପ୍ରଦାନ କରାଯାଇଥିଲା । ଅତ୍ୟଧିକ ଆଇଟମ୍ ମୂଲ୍ୟର ଅନ୍ତର୍ଭୁକ୍ତ ଫଳରେ 98.08 ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ପ୍ରକଳ୍ପର ଏସ୍ଏମ୍ ମାନେ ବ୍ୟକ୍ତ କହିଥିଲେ (ଅକ୍ଟୋବର 2021) ଯେ ମୂଲ୍ୟ ଆକଳନ ପ୍ରସ୍ତୁତ ପାଇଁ ପ୍ରଚଳିତ ବଜାର ଦର ଗ୍ରହଣ କରାଯାଇଥିଲା । ପ୍ରକୃତ କଥା ହେଲା, ଯେ ସେପ୍ଟେମ୍ବର 2012 ରେ

---

9 302.00 ଟଙ୍କା -272.78 ଟଙ୍କା = 29.22 ଟଙ୍କା

10 ଯାଜପୁର ଜିଲ୍ଲାର ସପ୍ତମାତୃକା ମନ୍ଦିର ନିକଟରେ ବୈତରଣୀ ନଦୀ ପାର ହୋଇ ଇନ୍‌ଷ୍ଟ୍ରିମ୍ ବ୍ୟାରେଜ୍ ନିର୍ମାଣ (ଦକ୍ଷିଣ ପାର୍ଶ୍ୱ) (ସିଆର୍‌ଡବ୍ଲୁ 102:28) ଏବଂ ବୈତରଣୀ ନଦୀରେ ବରାହପୀଠ ବିକାଶ (ଜେପିଆର୍ 123:17)

11 ଏସ୍ଓଆର୍ ଅନୁଯାୟୀ ମୂଲ୍ୟ: 8,241.98 ଟଙ୍କା; ଆକଳନରେ ନିଆଯାଇଥିଲା: 9,764.55 ଟଙ୍କା

12 ଏସ୍ଓଆର୍ ଅନୁଯାୟୀ ମୂଲ୍ୟ: 8,619.65 ଟଙ୍କା; ଆକଳନରେ ନିଆଯାଇଥିଲା: 12,959.80 ଟଙ୍କା

ପୂର୍ତ୍ତ ବିଭାଗ ଦ୍ୱାରା ଜାରି ପଦ୍ଧତି ଅନୁଯାୟୀ ଖର୍ଚ୍ଚ ଆକଳନ ପ୍ରସ୍ତୁତ କରିବା ପାଇଁ ଏସ୍ଓଆର୍ ବାହାରେ କୌଣସି ମୂଲ୍ୟହାର ଗ୍ରହଣୀୟ ନୁହେଁ ।

ଖ) ଡିଓଡବ୍ଲୁଆର୍ ଦ୍ୱାରା ଆବଣ୍ଟିତ ଅନ୍ୟ ଏକ ପ୍ରକଳ୍ପ, 'ଡାହାଣ ହେଡ୍ ରେଗୁଲେଟର (ଅବଶିଷ୍ଟ କାମ) ସହିତ ଆର୍‌ଡି 183.50 ମି ରୁ ଆର୍‌ଡି 1280.00 ମି ପର୍ଯ୍ୟନ୍ତ ଦେଓ ଜଳସେଚନ ପ୍ରକଳ୍ପର ଆର୍ଥ ଡ୍ୟାମ୍' ର ନିର୍ମାଣରେ ଓସିସିଏଲ୍, ପଥର ପାଇଁ ଆକଳନ (ପରିବହନ ଏବଂ ରୟାଲ୍‌ଟି ଅନ୍ତର୍ଭୁକ୍ତ କରି) ଏସ୍ଓଆର୍ ରେ ଉଲ୍ଲେଖିତ ତୁଳନାରେ କ୍ୟୁମି ପିଛା 108.22 ଟଙ୍କା ରୁ 290.22 ଟଙ୍କା ଅଧିକ ହାରରେ ପ୍ରସ୍ତୁତ କରିଥିଲେ । ଓସିସିଏଲ୍ ଏହି ଉଚ୍ଚ ହାରରେ ଠିକାଦାରମାନଙ୍କୁ କାର୍ଯ୍ୟଗୁଡ଼ିକ ପ୍ରଦାନ (ଜୁଲାଇ 2014 ରୁ ମଇ 2015) କରିଥିଲା । ଆକଳନରେ ଅଧିକ ହାରର ବ୍ୟବସ୍ଥା ହେତୁ, ଓସିସିଏଲ୍, ଠିକାଦାର ମାନଙ୍କ ଦ୍ୱାରା 10,949.91 କ୍ୟୁମି ପଥର କାର୍ଯ୍ୟ କାର୍ଯ୍ୟକାରୀ କରିବା ପାଇଁ 29.40 ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଥିଲେ (***ପରିଶିଷ୍ଟ-5.2***) ।

ଠିକାଦାରଙ୍କ ସହିତ ଆକଳନ ଏବଂ ଚୁକ୍ତିନାମା ଯାଞ୍ଚ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍ଏମ୍ ବ୍ୟକ୍ତ କରିଥିଲେ (ନଭେମ୍ବର 2021) ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ଖର୍ଚ୍ଚ ଆକଳନ ପ୍ରସ୍ତୁତି ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ସେପ୍ଟେମ୍ବର 2012 ରେ ବର୍ଣ୍ଣିତ ପ୍ରକ୍ରିୟାଗୁଡ଼ିକ ଓସିସିଏଲ୍ ଦ୍ୱାରା ଅଣଦେଖା କରାଯାଇଥିଲା । ଫଳସ୍ୱରୂପ, ଡିଓଡବ୍ଲୁଆର୍ ତିନୋଟି କାର୍ଯ୍ୟରେ 1.27 କୋଟି ଟଙ୍କା ଅଧିକ ବ୍ୟୟ କରିଥିଲେ ଏବଂ କାର୍ଯ୍ୟର ଠିକାଦାରମାନେ ସମ ପରିମାଣରେ ଉପକୃତ ହୋଇଥିଲେ ।

### *5.4.6 ଅଧିକ ଦୂରତ୍ୱ ବ୍ୟବସ୍ଥା*

ଆକଳନ ପ୍ରସ୍ତୁତ କରିବା ସମୟରେ ଦୂରତ୍ୱକୁ ନ୍ୟାୟୋଚିତ ଭାବରେ ଅନୁମୋଦନ କରିବା ପାଇଁ ଓପିଡବ୍ଲୁଡି କୋଡର ଅନୁଚ୍ଛେଦ 3.4.16(a)(vii) ରେ ବ୍ୟବସ୍ଥିତ ହୋଇଛି ।

ମୟୁରଭଞ୍ଜ ଜିଲ୍ଲାରେ ଚାରିଟି ପରୀକ୍ଷା ଯାଞ୍ଚ ପ୍ରକଳ୍ପରେ ଅଡିଟ୍ ଲକ୍ଷ୍ୟ କଲା ଯେ କାର୍ଯ୍ୟସ୍ଥଳ ଠାରୁ 20 କିମିରୁ 85 କିମି ଦୂରତ୍ୱ ମଧ୍ୟରେ ପଥର ଖଣି ଗୁଡ଼ିକ ରହିଥିଲା ଯାହା ଜିଲ୍ଲାର ୱେବ୍‌ସାଇଟ୍‌ରେ ଉପଲବ୍ଧ ଲଘୁ ଖଣିଜ ଦ୍ରବ୍ୟ ସମ୍ବଳିତ ଜିଲ୍ଲା ସର୍ଭେ ରିପୋର୍ଟରେ ମଧ୍ୟ ସୁସ୍ପଷ୍ଟ । ଏହିପରି ଭାବରେ, ପ୍ରକଳ୍ପ କାର୍ଯ୍ୟ ପାଇଁ ନିକଟସ୍ଥ ପଥରଖଣି ଗୁଡ଼ିକରୁ ଆବଶ୍ୟକୀୟ ଖଣିଜ ଦ୍ରବ୍ୟର ସଂଗ୍ରହଣ ହୋଇପାରିଥାନ୍ତା । କିନ୍ତୁ, ପ୍ରକଳ୍ପ କାର୍ଯ୍ୟ ପାଇଁ ପଥର ସଂଗ୍ରହ କରିବା ପାଇଁ କାର୍ଯ୍ୟସ୍ଥଳ ଠାରୁ 105 କିମି ରୁ 151 କିମି ପର୍ଯ୍ୟନ୍ତ ଦୂରତ୍ୱରେ ଅବସ୍ଥିତ ବାଲେଶ୍ୱର ଜିଲ୍ଲାର ସୋର ବ୍ଲକର ବାଗୁଡ଼ି ପଥରଖଣିକୁ ଓସିସିଏଲ୍ ଚିହ୍ନଟ କରିଥିଲା । ତଦନୁଯାୟୀ ମାର୍ଚ୍ଚ 2016 ଏବଂ ଅକ୍ଟୋବର 2016 ମଧ୍ୟରେ ଓସିସିଏଲ୍ ଖର୍ଚ୍ଚ ଆକଳନ ମଧ୍ୟ ପ୍ରସ୍ତୁତ କରିଥିଲା । ଅତଏବ, ପଥର ସଂଗ୍ରହ ପାଇଁ ନିକଟସ୍ଥ ପଥରଖଣିକୁ ଉପେକ୍ଷା କରିବା ଦ୍ୱାରା ଦୂରତ୍ୱ 20 କିମି ରୁ 131 କିମି ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା, ଯାହାର ବିବରଣୀ ନିମ୍ନରେ **ସାରଣୀ 5.3** ରେ ଦର୍ଶାଗଲା ।

***ସାରଣୀ 5.3: ବ୍ୟବହୃତ ପଥରର ପରିମାଣ ଏବଂ ଆକଳନରେ ନିଆଯାଇଥିବା ବର୍ଦ୍ଧିତ ଦୂରତାର ହିସାବ***

| କ୍ର. ସଂ. | ପ୍ରକଳ୍ପର ନାମ | ନିକଟସ୍ଥ ପଥର ଖଣିରୁ ଦୂରତ୍ୱ (କିମି) | ଆକଳନରେ ନିଆଯାଇଥିବା ପଥରଖଣିର ଦୂରତ୍ୱ (କିମି) | ବର୍ଦ୍ଧିତ ଦୂରତ୍ୱ (କିମି) | ବ୍ୟବହୃତ ପଥରର ପରିମାଣ (ଲକ୍ଷ କ୍ୟୁମି) | ବର୍ଦ୍ଧିତ ଖର୍ଚ୍ଚ (କୋଟି ଟଙ୍କାରେ) |
|---|---|---|---|---|---|---|
| 1 | ହଳଦିଆ ଡ୍ୟାମର ସ୍ପିଲୱେର ନିର୍ମାଣ | 25 | 130 | 105 | 1.13 | 9.77 |
| 2 | ବଇସିଂଘା ଫିଡର ଓ ଲିଙ୍କ କେନାଲ ନିର୍ମାଣ | 35 | 107 | 72 | 0.75 | 4.14 |
| 3 | ସୁବର୍ଣ୍ଣରେଖା ମୁଖ୍ୟ କେନାଲର ପୁନଃନିର୍ମାଣ | 20 | 151 | 131 | 0.31 | 2.69 |

| କ୍ର. ସଂ. | ପ୍ରକଳ୍ପର ନାମ | ନିକଟସ୍ଥ ପଥର ଖଣିରୁ ଦୂରତ୍ୱ (କିମି) | ଆକଳନରେ ନିଆଯାଇଥିବା ପଥରଖଣିର ଦୂରତ୍ୱ (କିମି) | ବର୍ଦ୍ଧିତ ଦୂରତ୍ୱ (କିମି) | ବ୍ୟବହୃତ ପଥରର ପରିମାଣ (ଲକ୍ଷ କ୍ୟୁମି) | ବର୍ଦ୍ଧିତ ଖର୍ଚ୍ଚ (କୋଟି ଟଙ୍କାରେ) |
|---|---|---|---|---|---|---|
| 4 | ବ୍ରହ୍ମପୁର ଠାରୁ ଟମାଖୁରି ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀର ଦକ୍ଷିଣ ତଟର ତଟସୁରକ୍ଷା | 85 | 105 | 20 | 0.56 | 0.69 |
| **ନିକଟସ୍ଥ ଖଣି ଗୁଡ଼ିକ ବ୍ୟତୀତ ଅନ୍ୟାନ୍ୟ ଖଣିରୁ ସଂଗୃହିତ ପଥରର ସମୁଦାୟ ପରିମାଣ (ଲକ୍ଷ କ୍ୟୁମି)** | | | | | **2.75** | **17.29** |

*(ଉତ୍ସ: ଓସିସିଏଲ୍‌ର କାର୍ଯ୍ୟଗୁଡ଼ିକର ନଥି ଏବଂ ଅଡିଟର ବିଶ୍ଳେଷଣ)*

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ, ପଥର ସଂଗ୍ରହଣ ପାଇଁ ନିକଟସ୍ଥ ପଥର ଖଣି ଗୁଡ଼ିକୁ ଉପେକ୍ଷା କରାଯିବାର କାରଣ ଓସିସିଏଲ୍ କୌଣସି ସ୍ଥାନରେ ଲିପିବଦ୍ଧ କରିନଥିଲେ । ଏହା ସହିତ ଅଧିକ ଦୂରତାରେ ସ୍ଥିତ ପଥରଖଣି ଗୁଡ଼ିକରୁ ପଥର ଯେ ପ୍ରକୃତରେ ଆହରଣ କରାଯାଇଛି, ତାର କୌଣସି ପ୍ରାମାଣିକ ତଥ୍ୟ ମଧ୍ୟ ପ୍ରଦାନ କରିପାରିନଥିଲେ । ଅଡିଟ୍ ଅବଲୋକନ କରିଥିଲେ ଯେ, ଅଧିକ ଦୂରତ୍ୱ ଗ୍ରହଣ କରିବା ହେତୁ ଆକଳନରେ 130 ଟଙ୍କା ରୁ 932.50 ଟଙ୍କା ପ୍ରତି କ୍ୟୁମି ପର୍ଯ୍ୟନ୍ତ ବୃଦ୍ଧି ଘଟିଥିଲା । ଜୁନ୍ 2016 ରୁ ଡିସେମ୍ବର 2016 ମଧ୍ୟରେ ଏହି ବର୍ଦ୍ଧିତ ଆକଳନ ଆଧାରରେ ଠିକାଦାର ମାନଙ୍କୁ 294.46 କୋଟି ଟଙ୍କାର କାର୍ଯ୍ୟ ପ୍ରଦାନ କରାଯାଇଥିଲା । ଫଳସ୍ୱରୂପ, 2.75 ଲକ୍ଷ କ୍ୟୁମି ପଥରର ପରିବହନ ପାଇଁ 17.29 କୋଟି ଟଙ୍କାର ଅତ୍ୟଧିକ ବ୍ୟୟ ଭାର ବହନ କରାଯାଇଥିଲା ***(ପରିଶିଷ୍ଟ-5.3)*** । ତେଣୁ, ଏହିପରି ଅଧିକ ଦୂରତା ଅଯୌକ୍ତିକ ଭାବରେ ଗ୍ରହଣ କରିବା ଦ୍ୱାରା ଠିକା କାର୍ଯ୍ୟକର୍ତ୍ତା ମାନଙ୍କୁ ଅନୁଚିତ୍ ଫାଇଦା ହୋଇଥିଲା ।

ଏସ୍ଏମ୍ ବ୍ୟକ୍ତ କଲେ (ସେପ୍ଟେମ୍ବର 2021) ଯେ, ନିକଟସ୍ଥ ପଥରଖଣିର ସ୍ଥିତି ଏବଂ ସାମଗ୍ରୀ ଗୁଡ଼ିକର ଲଭ୍ୟତା ଆଧାରରେ ଦୂରତ୍ୱ ନିରୂପଣ କରାଯାଇଥିଲା । କିନ୍ତୁ, 2015-16 ରୁ 2019-20 ମଧ୍ୟରେ ଜିଲ୍ଲାର ବାଙ୍ଗିରିପୋଷୀ ବ୍ଲକରେ ନିକଟତମ ଜଗନ୍ନାଥ ଖୁଣ୍ଟା ପଥରଖଣି ସକ୍ରିୟ ରହିଥିଲା ବୋଲି ମୟୁରଭଞ୍ଜ ଜିଲ୍ଲାର ୱେବ୍‌ସାଇଟରେ ଲଘୁ ଖଣିଜ ଦ୍ରବ୍ୟର ଉପଲବ୍ଧତା ସମ୍ବଳିତ ଜିଲ୍ଲା ସର୍ଭେ ରିପୋର୍ଟରେ ସୂଚାଇ ଦିଆଯାଇଥିବାରୁ, ଉତ୍ତର ଗ୍ରହଣୀୟ ହୋଇନଥିଲା ।

## 5.5 ଠିକା କାର୍ଯ୍ୟକର୍ତ୍ତାଙ୍କ ମାଧ୍ୟମରେ କାର୍ଯ୍ୟ ପ୍ରଦାନ ଓ ନିଷ୍ପାଦନ

ଓସିସିଏଲ୍ ଠିକା କାର୍ଯ୍ୟକର୍ତ୍ତା ଅଥବା ନିୟୋଜିତ ଠିକାଦାରମାନଙ୍କ ଦ୍ୱାରା କାର୍ଯ୍ୟ ସଂପାଦନ କରିଥିଲେ । ଆବେଦନକାରୀଙ୍କ କାର୍ଯ୍ୟର ପରିମାଣ, କାର୍ଯ୍ୟ ଅଭିଜ୍ଞତା, ଇତ୍ୟାଦି ଆଧାରରେ ସେମାନଙ୍କୁ ଚାରିଟି ବର୍ଗରେ ବିଭକ୍ତ କରାଯାଇଥିଲା ଯଥା- କ ରୁ ଘ[13] ପର୍ଯ୍ୟନ୍ତ । ଠିକା କାର୍ଯ୍ୟକର୍ତ୍ତାମାନଙ୍କୁ କାର୍ଯ୍ୟ ପ୍ରଦାନ କରିବାର ବିଭିନ୍ନ ଦିଗକୁ ଅଡିଟ୍ ପର୍ଯ୍ୟାଲୋଚନା କରିଥିଲେ ଏବଂ ତାହାର ଅବଲୋକନ ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଉପସ୍ଥାପିତ କରାଯାଇଛି ।

### *5.5.1 ମୃତ୍ତିକା କମ୍ପାକ୍‌ସନ୍ ସଂଗ୍ରହ ପାଇଁ ଯନ୍ତ୍ରପାତିଗୁଡ଼ିକର ଅଧିକ ଭଡ଼ା ହାର ଗ୍ରହଣ କରିବା ହେତୁ 4.74 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ*

ମୃତ୍ତିକା ବିଛେଇବା କାର୍ଯ୍ୟ ପାଇଁ ଘଣ୍ଟା ପ୍ରତି 300 କ୍ୟୁମି କ୍ଷମତା ସଂପନ୍ନ ଗୋଟିଏ ଡୋଜରର ଭଡ଼ା 30 ଜୁନ୍ 2017 ପର୍ଯ୍ୟନ୍ତ 2,463.50 ଟଙ୍କା ଏବଂ ପରବର୍ତ୍ତୀ ସମୟରେ 2,141.79 ଟଙ୍କା ଏସ୍ଓଆର୍ 2014 ରେ ଧାର୍ଯ୍ୟ କରାଯାଇଅଛି । ସମାନ ସମୟରେ, ଘଣ୍ଟା ପ୍ରତି 100 କ୍ୟୁମି କମ୍ପାକ୍‌ସନ୍ କ୍ଷମତା ସଂପନ୍ନ ଗୋଟିଏ ଭାଇବ୍ରେଟରୀ ରୋଲରର ଭଡ଼ା ଯଥାକ୍ରମେ 994 ଟଙ୍କା ଏବଂ 864.35 ଟଙ୍କା ଥିଲା ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ଛଅଟି ପରୀକ୍ଷା ଯାଞ୍ଚ ପ୍ରକଳ୍ପରେ ଫେବୃଆରୀ 2014 ରୁ ଜୁନ୍ 2021 ମଧ୍ୟରେ ପ୍ରସ୍ତୁତ ଦର ଅଟକଳରେ ଓସିସିଏଲ୍ ଉଭୟ ଡୋଜର ଭାଇବ୍ରେଟରୀ ରୋଲର କ୍ଷମତାକୁ ଘଣ୍ଟା ପ୍ରତି 100

[13] ବର୍ଗ କ: 50 ଲକ୍ଷ ଟଙ୍କା ଏବଂ ଅଧିକ, ବର୍ଗ ଖ: 20 ଲକ୍ଷ ଟଙ୍କାରୁ 50 ଲକ୍ଷ ଟଙ୍କା, ବର୍ଗ ଗ:5 ଲକ୍ଷ ଟଙ୍କାରୁ 20 ଲକ୍ଷ ଟଙ୍କା ଏବଂ ବର୍ଗ ଘ: 5 ଲକ୍ଷ ଟଙ୍କାରୁ କମ୍

କ୍ୟୁମି ହାରରେ ନିର୍ଦ୍ଧାରଣ କରିଥିଲା । ଉଭୟ ଯନ୍ତ୍ରପାତି ମିଳିତ ଭାବରେ କାର୍ଯ୍ୟ କରୁଥିବାରୁ ଏହିପରି ହାରରେ ମେସିନ୍ ଗୁଡ଼ିକର କ୍ଷମତା ନିର୍ଦ୍ଧାରଣ କରାଯାଇଥିଲା ବୋଲି ଓସିସିଏଲ୍ କାରଣ ଦର୍ଶାଇଥିଲେ ।

ଏସ୍ଓଆର୍ ଅନୁଯାୟୀ 300 କ୍ୟୁମିର ଉତ୍ପାଦନ କ୍ଷମତା ସଂପନ୍ନ ଡୋଜରର ଦର ପ୍ରତି ଘଣ୍ଟା ହିସାବରେ 2,463.50 ଟଙ୍କା/ 2,141.79 ଟଙ୍କା ନିର୍ଦ୍ଧାରିତ ଅଟେ । ଏପରିକି, ଏସ୍ଓଆର୍‌ରେ 100 କ୍ୟୁମି ଉତ୍ପାଦନ କ୍ଷମତା ସଂପନ୍ନ ଡୋଜର ପାଇଁ କୌଣସି ଦର ଧାର୍ଯ୍ୟ କରାଯାଇନାହିଁ । ତେଣୁ, 300 କ୍ୟୁମି କ୍ଷମତା ସଂପନ୍ନ ଡୋଜର ଦରର ଏକ ତୃତୀୟାଂଶ ଅଟକଳରେ ନିଆଯାଇପରିଥାନ୍ତା । ଯେହେତୁ ସମାନୁପାତିକ ଭାବରେ ଦର ହ୍ରାସ କରାଯାଇନଥିଲା, ମୃତ୍ତିକା କମ୍ପାକ୍‌ସନ୍ ଦରରେ 4.74 କୋଟି ଟଙ୍କାର ବୃଦ୍ଧି ପରିଲକ୍ଷିତ ହୋଇଥିଲା ***(ପରିଶିଷ୍ଟ 5.4)***।

ଏସ୍ଏମ୍ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2021) ଯେ ଡୋଜର ଦ୍ୱାରା ଜମି ସମତଳ କରିବା କାର୍ଯ୍ୟ ଏବଂ ଭାଇବ୍ରେଟରୀ ରୋଲର ଦ୍ୱାରା କମ୍ପାକ୍‌ସନ୍ କରିବା କାର୍ଯ୍ୟକୁ ଏକକାଳୀନ ଭାବରେ କାର୍ଯ୍ୟରେ ଅନ୍ତର୍ଭୁକ୍ତ କରାଯାଇଥିଲା । ମେସିନ୍ ଗୁଡ଼ିକ ଏକକାଳୀନ ଭାବରେ ସଂପାଦନ କରିବା ଆବଶ୍ୟକ । ତେଣୁ ଡୋଜରର ଭଡ଼ା ଦରକୁ ସମାନୁପାତିକ ଭାବରେ ହ୍ରାସ କରାଯାଇପାରିବ ନାହିଁ । ସେ ଏହା ମଧ୍ୟ କହିଥିଲେ ଯେ ଯଦି ଡୋଜରକୁ କେବଳ ଜମି ସମତଳ କରିବା ପାଇଁ ବ୍ୟବହାର କରାଯାଇଥାନ୍ତା ତେବେ ହୁଏତ ଧାର୍ଯ୍ୟ ଦରକୁ ସମାନୁପାତିକ ଭାବରେ ହ୍ରାସ କରାଯାଇପାରିଥାନ୍ତା ।

ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ନିମ୍ନ ଫଟୋଗ୍ରାଫରେ ଉଦାହରଣ ସ୍ୱରୂପ ଦିଆଯାଇଥିବା ଏକ ନିର୍ଦ୍ଦିଷ୍ଟ ପ୍ରକାରର ରୋଲର ଯଥା ସିପ୍-ଫୁଟ୍ ରୁଲର କ୍ଷେତ୍ରରେ ହିଁ ଉଭୟ ଡୋଜର ଏବଂ ରୋଲର ଏକକାଳୀନ ଭାବରେ କାର୍ଯ୍ୟ କରିପାରିବ । କିନ୍ତୁ, ଉତ୍ତରରେ ନିଶ୍ଚିତ କରାଯିବା ଅନୁସାରେ କାର୍ଯ୍ୟଗୁଡ଼ିକରେ ଭାଇବ୍ରେଟରୀ ରୋଲର ବ୍ୟବହାର କରାଯାଇଥିଲା, ଯାହାକି ଡୋଜର ବ୍ୟତୀତ ସ୍ୱାଧୀନ ଭାବରେ କାର୍ଯ୍ୟ କରିଥାଏ । ଯେହେତୁ ଉଭୟ ମେସିନ୍ ପରସ୍ପର ଠାରୁ ସ୍ୱାଧୀନ ଭାବରେ କାର୍ଯ୍ୟ କରନ୍ତି, ଦର ଆକଳନ କରାଯିବା ସମୟରେ ସେମାନଙ୍କର ନିଜସ୍ୱ କ୍ଷମତାକୁ ବିଚାର କରାଯବା ଉଚିତ୍ ଥିଲା ।








**ବାମରୁ ଡାହାଣ: 1. ଡୋଜର, 2. ଭାଇବ୍ରେଟରୀ ରୋଲର (କାର୍ଯ୍ୟରେ ବ୍ୟବହୃତ) ଏବଂ 3. ଏକକାଳୀନ କାର୍ଯ୍ୟ କରୁଥିବା ଡୋଜର ଓ ସିପ୍ ଫୁଟ୍ ରୋଲର**

### *5.5.2 ସିମେଣ୍ଟ ଖର୍ଚ୍ଚରେ ଠିକାଦାରର ଲାଭକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା 2.72 କୋଟି ଟଙ୍କାର ଅଧିକ ବ୍ୟୟ*

ଓପିଡବ୍ଲୁଡି କୋଡର 3.4.1 ସହିତ ସେପ୍ଟେମ୍ବର 2012 ଏବଂ ଅକ୍ଟୋବର 2013 ରେ ଜାରି ହୋଇଥିବା ପୂର୍ତ୍ତ ବିଭାଗର ଅନୁଦେଶ ଅନୁଯାୟୀ, ବ୍ୟବହାର କରିବାକୁ ଥିବା ସାମଗ୍ରୀର ପରିମାଣ ଏବଂ ଏସ୍ଓଆର ରେ ସେହି ସାମଗ୍ରୀ ଗୁଡ଼ିକ ପାଇଁ ଧାର୍ଯ୍ୟ କରାଯାଇଥିବା ଦର ଆଧାରରେ କୌଣସି ଏକ କାର୍ଯ୍ୟର ଆକଳନ ପ୍ରସ୍ତୁତ କରାଯିବା ଆବଶ୍ୟକ । ଏହି ଆକଳିତ ଦରରେ 7.5 ପ୍ରତିଶତ ହାରରେ ଓଭରହେଡ୍ ଚାର୍ଜେସ୍ ଓ ଠିକାଦାରର ଲାଭ ମଧ୍ୟ ଅନ୍ତର୍ଭୁକ୍ତ ରହିଥାଏ ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଯେଉଁ ପ୍ରକଳ୍ପ ଗୁଡ଼ିକରେ ଓସିସିଏଲ୍ ଠିକା ଶ୍ରମିକ ମାନଙ୍କୁ ସାମଗ୍ରୀର ଯୋଗାଣ କରିଥାଆନ୍ତି, ସେହି ସାମଗ୍ରୀ ମୂଲ୍ୟରେ ଓଭରହେଡ୍ ଦେୟ, ଠିକାଦାରଙ୍କର ଲାଭ ଇତ୍ୟାଦି ସାମିଲ୍ ଗ୍ରହଣୀୟ

ନୁହେଁ । ସେହି ଅନୁସାରେ ଓସିସିଏଲ୍, 2017-21 ମଧ୍ୟରେ ନିଷ୍ପାଦିତ କରାଯାଇଥିବା ଗୋଟିଏ ପରୀକ୍ଷା ଯାଞ୍ଚ ପ୍ରକଳ୍ପ[14]ରେ ଓଭରହେଡ୍ ତଥା ଠିକାଦାରର ଲାଭ ପ୍ରଦାନ କରିନଥିଲେ ।

ଗୋଟିଏ ଠିକା ସଂସ୍ଥା ଦ୍ୱାରା 2015-16 ରୁ ନିର୍ମିତ ହେଉଥିବା ଦୁଇଟି ପରୀକ୍ଷା ଯାଞ୍ଚ ପ୍ରକଳ୍ପ[15] କ୍ଷେତ୍ରରେ ସିମେଣ୍ଟ କଂକ୍ରିଟ କାର୍ଯ୍ୟ ଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଓସିସିଏଲ୍, ସିମେଣ୍ଟ ପ୍ରଦାନ କରିବେ ବୋଲି ଠିକା ସଂସ୍ଥା ସହିତ ବୁଝାମଣା ପତ୍ରରେ ଲିଖିତ ରହିଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । ତେଣୁ, ଓସିସିଏଲ୍ ଦ୍ୱାରା ପ୍ରଦାନ କରାଯାଉଥିବା ସିମେଣ୍ଟର ମୂଲ୍ୟ ଉପରେ ଓଭରହେଡ୍ ଦେୟ ତଥା ଠିକାଦାରଙ୍କର ଲାଭ ଇତ୍ୟାଦି ଠିକା ସଂସ୍ଥାର ପ୍ରାପ୍ୟ ନଥିଲା । କିନ୍ତୁ ଏହା ବିପକ୍ଷରେ, ସିମେଣ୍ଟ ଦର ବାବଦରେ କ୍ୱିଣ୍ଟାଲ ପିଛା 620 ଟଙ୍କା ସହିତ ତାହା ଉପରେ ଠିକାଦାର ଲାଭ ବାବଦକୁ 46.50 ଟଙ୍କା ଅନ୍ତର୍ଭୁକ୍ତ କରିଥିଲେ ଏବଂ ସିମେଣ୍ଟ କଂକ୍ରିଟର ଚୂଡ଼ାନ୍ତ ମୂଲ୍ୟ ନିରୂପଣ କଲାବେଳେ ସିମେଣ୍ଟ ମୂଲ୍ୟ ବାବଦ 620 ଟଙ୍କା କାଟି ରଖିଥିଲେ । ଫଳସ୍ୱରୂପ, ଅନିୟମିତ ଭାବରେ ଠିକାଦାରଙ୍କୁ ଲାଭ ବାବଦରେ କ୍ୱିଣ୍ଟାଲ ପିଛା 46.50 ଟଙ୍କା ପ୍ରଦାନ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟରେ, ଅକ୍ଟୋବର 2021 ସୁଦ୍ଧା 5,84,328.65 କ୍ୱିଣ୍ଟାଲର ସିମେଣ୍ଟ ବ୍ୟବହୃତ ହୋଇଥିଲା, ଯାହା ଉପରେ ଠିକାଦାରଙ୍କର ଲାଭ ବାବଦରେ 2.72 କୋଟି ଟଙ୍କା ଅନିୟମିତ ଭାବରେ ଠିକାଦାର (ମେସର୍ସ ଡି.ଡି. ବିଲ୍ଡରସ୍) ଙ୍କୁ ପ୍ରଦାନ କରାଯାଇଥିଲା ।

ଆକଳନ ଏବଂ ଠିକାଦାର ସହିତ ହୋଇଥିବା ବୁଝାମଣା ପତ୍ରର ଯାଞ୍ଚ ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଏସ୍ଏମ୍ ସୁନିଶ୍ଚିତ କରିଥିଲେ (ନଭେମ୍ବର 2021) ।

### *5.5.3 କାର୍ଯ୍ୟସ୍ଥଳୀରୁ ଯୋଗାଯାଇଥିବା ପଥର ଉପରେ ଅନିୟମିତ ଭାବରେ ଯାନବାହନ ଦେୟ ପ୍ରଦାନ କରିବା ହେତୁ ଠିକାଦାରଙ୍କୁ 5.61 କୋଟି ଟଙ୍କାର ଅନୁଚିତ୍ ଲାଭ ପ୍ରଦାନ*

ଦେଓ ଜଳସେଚନ ପ୍ରକଳ୍ପର ମାଟି ବନ୍ଧର ନିର୍ମାଣ ନିମିତ୍ତ ଓସିସିଏଲ୍‌ର ପ୍ରସ୍ତାବକୁ ଅନୁଧ୍ୟାନ କରିବା ସମୟରେ ଜଳ ସଂପଦ ବିଭାଗର ଟେଣ୍ଡର କମିଟି ଏହା ନିର୍ଣ୍ଣୟ ନେଇଥିଲେ ଯେ (ନଭେମ୍ବର 2012), ଖନନରୁ ଉପଲବ୍ଧ ବ୍ୟବହାର୍ଯ୍ୟ ପଥରର ମୂଲ୍ୟ କ୍ୟୁମି ପ୍ରତି 195 ଟଙ୍କା ଦରରେ ଆଦାୟ କରାଯିବ । ଦୁଇଟି ପ୍ରକଳ୍ପ ହିସାବରେ[16] ଓସିସିଏଲ୍‌କୁ ଉପରୋକ୍ତ କାର୍ଯ୍ୟଟି ଜଳସଂପଦ ବିଭାଗ ପ୍ରଦାନ କରିଥିଲା (ଡିସେମ୍ବର 2012) । କାର୍ଯ୍ୟ ସଂପାଦନ କରିବା ପାଇଁ ଦୁଇଟି ପ୍ରକଳ୍ପ କ୍ଷେତ୍ରରେ ଦୁଇଟି ଠିକା ସଂସ୍ଥା/ କର୍ମୀ ସହିତ ଓସିସିଏଲ୍ ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ (ଜୁଲାଇ 2014 ରୁ ଜାନୁଆରୀ 2016 ପର୍ଯ୍ୟନ୍ତ) । ବୁଝାମଣା ପତ୍ରର ସର୍ତ୍ତ ଅନୁସାରେ, କାର୍ଯ୍ୟସ୍ଥଳୀ ମଧ୍ୟରେ ରହିଥିବା ଡମ୍ପିୟାର୍ଡରେ କାର୍ଯ୍ୟ କରୁଥିବା ଠିକାଦାର ଖନନ କରାଯାଇଥିବା କଠିନ ପଥର ଗୁଡ଼ିକୁ ଜମା କରିବେ ଏବଂ ଓସିସିଏଲ୍ ପାଖରେ ହିଁ ଏହି ଖନନ କରାଯାଇଥିବା କଠିନ ପଥର ଗୁଡ଼ିକର ମାଲିକାନା ସତ୍ତ୍ୱ ରହିବ । ବୁଝାମଣା ପତ୍ରରେ ଆହୁରି ମଧ୍ୟ ଉଲ୍ଲେଖ ଅଛି ଯେ, ଠିକା ସଂସ୍ଥାକୁ ଖନନ କରାଯାଇଥିବା ବ୍ୟବହାର ଯୋଗ୍ୟ କଠିନ ପଥରଗୁଡ଼ିକ ପ୍ରଦାନ କରାଯିବ ଏବଂ ଆବଶ୍ୟକ ସ୍ଥଳେ, ବିଭାଗ ଅର୍ଥାତ୍ ଜଳ ସମ୍ପଦ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଦରରେ ହିଁ ପ୍ରଦାନ କରାଯାଇପାରିବ । ପୁନଶ୍ଚ, ରାଜିନାମାର ସର୍ତ୍ତାବଳୀ ଅନୁସାରେ କାର୍ଯ୍ୟସ୍ଥଳୀକୁ ସାମଗ୍ରୀ ଆଣିବା ପାଇଁ 31 କିମିର ଦୂରତା ପାଇଁ ଯାନବାହନ ଦେୟକୁ ଅନ୍ତର୍ଭୁକ୍ତ କରି 900 ଟଙ୍କା ପ୍ରତି କ୍ୟୁମି ହାରରେ କଠିନ ପଥରର ମୂଲ୍ୟ ଠିକା ସଂସ୍ଥାମାନଙ୍କୁ ପ୍ରଦାନ କରାଯିବ ।

---

[14] ଏସ୍ଏମ୍, ଓସିସିଏଲ୍, ଢେଙ୍କାନାଳ ଅନ୍ତର୍ଗତ ନରସିଂହପୁରର ଶାଖା କେନାଲର ଖନନ କାର୍ଯ୍ୟ

[15] ସ୍ପିଲ୍‌ୱେ, ବାମ ଶୀର୍ଷ ରେଗୁଲେଟରରେ ଦେଓ ଜଳସେଚନ ପ୍ରକଳ୍ପର (ଅବଶେଷ କାର୍ଯ୍ୟ) (ଡିଇଏସ୍-119:04) ର ମାଟି ନିର୍ମିତ ବନ୍ଧର ଅଂଶ (ଆରଡି 0.00 ମି ରୁ ଆରଡି 183.50 ମି) ତଥା ଦକ୍ଷିଣ ଶୀର୍ଷ ରେଗୁଲେଟର (ଅବଶେଷ କାର୍ଯ୍ୟ) (ଡିଇଡି 118.04) ଅନ୍ତର୍ଗତ କରି, ଆରଡି 183.50 ମି ରୁ ଆରଡି 1,280.00 ମି ଠାରୁ ଦେଓ ଜଳ ସେଚନର ମାଟି ବନ୍ଧର ନିର୍ମାଣ)

[16] (କ) ଦେଓ ଜଳସେଚନ ପ୍ରକଳ୍ପ (ଅବଶେଷ କାର୍ଯ୍ୟ) (ରିଚ୍-IX) (ଡିଇଏସ୍ 119:୦4) ର ସ୍ପିଲ୍ ୱେ, ବାମ ଶୀର୍ଷ ଗୁେଲେଟର ଏବଂ ଆରଡି 0.00 ମି ରୁ ଆରଡି 183.50 ମି ମାଟି ବନ୍ଧ ଅଂଶ ର ନିର୍ମାଣ ପାଇଁ ଶ୍ରମିକ ଯୋଗାଣ, ଉତ୍ପାଦନ/ ନିର୍ମାଣ ସାମଗ୍ରୀ ଗୁଡ଼ିକର ଯୋଗାଣ ଏବଂ ଯନ୍ତ୍ରପାତିର ଭଡା ଏବଂ ଚାଳନା ଦେୟ ଏବଂ - (ଖ) ଦେଓ ଜଳସେଚନ ପ୍ରକଳ୍ପ ପାଇଁ ଆରଡି 183.50 ମି ରୁ ଆରଡି 1280.00 ମି (ଅବଶେଷ କାର୍ଯ୍ୟ) (ଡିଇଡି118:04) ପର୍ଯ୍ୟନ୍ତ ମାଟି ବନ୍ଧ ନିର୍ମାଣ ପାଇଁ ଶ୍ରମିକ ଯୋଗାଣ, ଉତ୍ପାଦନ/ ନିର୍ମାଣ ସାମଗ୍ରୀ ଗୁଡ଼ିକର ଯୋଗାଣ ଏବଂ ଯନ୍ତ୍ରପାତିର ଭଡା ଏବଂ ଚାଳନା ଦେୟ

ଅଡିଟ ଲକ୍ଷ୍ୟ କଲା ଯେ, ଜଳ ସମ୍ପଦ ବିଭାଗ ଖନନ ହୋଇଥିବା କଠିନ ପଥର ପାଇଁ କ୍ୟୁମି ପ୍ରତି 195 ଟଙ୍କା ଯୋଗାଣ ଦର ଧାର୍ଯ୍ୟ କରିଥିଲେ । 1.42 ଲକ୍ଷ କ୍ୟୁମି ଖନନ ହୋଇଥିବା ବ୍ୟବହାର ଯୋଗ୍ୟ କଠିନ ପଥର ଠିକା ସଂସ୍ଥା ମାନଙ୍କୁ ଯୋଗାଇ ଦିଆଯାଇଥିଲା ଏବଂ ଜୁନ 2021 ସୁଦ୍ଧା ତାଙ୍କର ଆର୍ଏ ବିଲ୍ରୁ 2.76 କୋଟି ଟଙ୍କା କଟାଯାଇଥିଲା । ଠିକା ସଂସ୍ଥା ମାନଙ୍କ ଦ୍ୱାରା ସମସ୍ତ ପରିମାଣର ଯୋଗାଣ କରାଯାଇଥିବା କଠିନ ପଥର ବ୍ୟବହୃତ ହୋଇ ଯାଇଥିଲା ଏବଂ ସେଥି ନିମନ୍ତେ କ୍ୟୁମି ପ୍ରତି 900 ଟଙ୍କା ଧାର୍ଯ୍ୟ ଦରରେ ଦେୟ ପ୍ରଦାନ କରାଯାଇଥିଲା ।

ଅଡିଟ୍ ଅନୁଧ୍ୟାନ କଲା ଯେ:

- ଖନନ ହୋଇଥିବା କଠିନ ପଥରର ଯୋଗାଣ ମୂଲ୍ୟ (କ୍ୟୁମି ପ୍ରତି 195 ଟଙ୍କା) ଏବଂ ଠିକା ସଂସ୍ଥା ଦ୍ୱାରା ଯୋଗାଣ ପଥର ମୂଲ୍ୟ ଚୁକ୍ତିନାମାର ରାଜିନାମା ଅନୁଯାୟୀ (କ୍ୟୁମି ପ୍ରତି 900 ଟଙ୍କା) ମଧ୍ୟରେ କ୍ୟୁମି ପ୍ରତି 705 ଟଙ୍କାର ବ୍ୟାପକ ତାରତମ୍ୟ ରହିଥିଲା । ଠିକାଦାରଙ୍କୁ ଯୋଗାଣ ଦର ଏବଂ ଠିକାଦାରଙ୍କ ଦ୍ୱାରା ଯୋଗାଣ ଦର ଧାର୍ଯ୍ୟ କରାଯିବା ପାଇଁ କୌଣସି ଭିତ୍ତି ଅଭାବରେ ଓସିସିଏଲ ଦ୍ୱାରା ଆଦୃତ ମୂଲ୍ୟର ସଠିକତା ଉପରେ ଅଡିଟ ନିଶ୍ଚିତ ହୋଇପାରି ନଥିଲେ ।

- 31 କିମି ଦୂରତା ପାଇଁ କ୍ୟୁମି ପ୍ରତି 395.60 ଟଙ୍କା[17]ର ପରିବହନ ଦେୟ କ୍ୟୁମି ପ୍ରତି 900 ଟଙ୍କା ସମ୍ମତ ହୋଇଥିବା ଯୋଗାଣ ଦର ମଧ୍ୟରେ ଅନ୍ତର୍ଭୁକ୍ତ । ଯେହେତୁ ସମାନ କାର୍ଯ୍ୟର ଠିକା ସଂସ୍ଥା ଦ୍ୱାରା 1.42 ଲକ୍ଷ କ୍ୟୁମିର କଠିନ ପଥର କାର୍ଯ୍ୟସ୍ଥଳୀରୁ ହିଁ ଖନନ କରାଯାଇ ବ୍ୟବହାର କରାଯାଇଥିଲା, ତେଣୁ ଦୂରତ୍ୱକୁ ବିଚାରକୁ ନେବାର କୌଣସି ଆବଶ୍ୟକତା ନଥିଲା । ତେଣୁ କାର୍ଯ୍ୟରେ ବ୍ୟବହାର କରାଯାଇଥିବା କଠିନ ପଥରର ପରିମାଣ ଅନୁସାରେ ସମ୍ମତ ହୋଇଥିବା ମୂଲ୍ୟକୁ ହ୍ରାସ କରିବାର ଆବଶ୍ୟକତା ରହିଥିଲା ।

ଏହିପରି ଭାବରେ, କାର୍ଯ୍ୟସ୍ଥଳୀରୁ ଯୋଗାଇ ଦିଆଯାଇଥିବା ପଥର ଉପରେ ପରିବହନ ଦେୟ ଅନିୟମିତ ଭାବରେ ଯୋଗକରାଯିବା ଦ୍ୱାରା ଠିକା ସଂସ୍ଥାକୁ 5.61 କୋଟି[18] ଟଙ୍କାର ଅନୁଚିତ ସୁବିଧା ପ୍ରଦାନ କରାଯାଇଥିଲା ।

ଅଡିଟ ପର୍ଯ୍ୟାଲୋଚନାକୁ ସ୍ୱୀକାର କରି ଏସ୍ଏମ୍ ବ୍ୟକ୍ତ କରିଥିଲେ ଯେ (ନଭେମ୍ବର 2021), କାର୍ଯ୍ୟସ୍ଥଳୀରୁ ଏକ କିଲୋମିଟର ଦୂରରେ ହିଁ ଖନନ କରାଯାଇଥିବା କଠିନ ପଥର ଗୁଡିକୁ ଗଦା କରି ରଖାଯାଇଥିଲା । ସେହି ସ୍ଥାନରୁ ଠିକା ସଂସ୍ଥାମାନେ ଉକ୍ତ ପଥରକୁ କାର୍ଯ୍ୟସ୍ଥଳୀକୁ ଆବଶ୍ୟକ ସ୍ଥଳରେ ଆଣି ବ୍ୟବହାର କରିଥିଲେ । ତେଣୁ ଏସଓଆର ଅନୁଯାୟୀ 156.40 ଟଙ୍କା ପ୍ରତି କ୍ୟୁମି ହାରରେ ଯାତାୟତ ଦେୟ ପ୍ରଦାନ କରିବା ସମୀଚିନ ଅଟେ । କିନ୍ତୁ ଏହା ସତ୍ୟ ଯେ, 239.20 ଟଙ୍କା ପ୍ରତି କ୍ୟୁମି ଦରରେ ଅଧିକ ପ୍ରଦାନ କରାଯାଇଥିବା ସର୍ବମୋଟ 3.39 କୋଟି ଟଙ୍କା ଆଦାୟ କରାଯାଇନଥିଲା ।

## 5.6 ଚୁକ୍ତିନାମା ପରିଚାଳନା

ଜଳ ସମ୍ପଦ ବିଭାଗ ଦ୍ୱାରା ଆବଣ୍ଟିତ ଅଥବା ମୁକ୍ତ ଟେଣ୍ଡର ମାଧ୍ୟମରେ ପ୍ରାପ୍ତ କାର୍ଯ୍ୟଗୁଡ଼ିକ ତାଲିକାଭୁକ୍ତ ଠିକା ସଂସ୍ଥାମାନଙ୍କ ଦ୍ୱାରା ସମ୍ପାଦନ କରାଯାଇଥାଏ । ଠିକା ସଂସ୍ଥାମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ନିମନ୍ତେ ଗ୍ରହଣ କରାଯାଇଥିବା ମିତବ୍ୟୟତା ତଥା ଦକ୍ଷତା ହିଁ କମ୍ପାନୀର ଲାଭର ଆଧାର ହୋଇଥାଏ । ତେଣୁ, ନିଷ୍ପାଦିତ କାର୍ଯ୍ୟଗୁଡ଼ିକର ପରିମାଣ ଓ ଗୁଣବତ୍ତା ବିଷୟର କୌଣସି ଦିଗ ପାଇଁ କମ୍ପାନୀ ହିଁ ମୁଖ୍ୟ ଠିକାଦାର ଭାବରେ କାର୍ଯ୍ୟ କରି, ସବୁ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିଥାଏ । ଠିକା ସଂସ୍ଥାମାନଙ୍କ ସହିତ ସ୍ୱାକ୍ଷରିତ ବୁଝାମଣା ପତ୍ରକୁ ପରିଚାଳନା କରିବା ଦିଗରେ ଅଡିଟ୍ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଅବଲୋକନ କରିଥିଲା ।

[17] ପ୍ରଥମ 5 କିମି ପାଇଁ 156.40 ପ୍ରତି କିମି ତାହାପରେ 26 କିମି ପାଇଁ 9.20 ପ୍ରତି କିମି (ଏସ୍ଓଆର୍ 2014)

[18] 141823.906 କ୍ୟୁମି ପଥରର ପରିବହନ ମୂଲ୍ୟ

### 5.6.1 ଠିକା ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟଗୁଡ଼ିକର ଦୁର୍ବଳ ନିଷ୍ପାଦନ

ଓସିସିଏଲ୍ 95.34 କୋଟି ଟଙ୍କାର ଗୋଟିଏ ପ୍ରକଳ୍ପ[19] କାର୍ଯ୍ୟକୁ ଗୋଟିଏ ଠିକା ସଂସ୍ଥା (ମେସର୍ସ ଗୁରୁ ମହାରାଜ ଏଞ୍ଜିକନ୍ ପ୍ରାଇଭେଟ୍ ଲିମିଟେଡ୍) କୁ ପ୍ରଦାନ କରିଥିଲେ (ଡିସେମ୍ବର 2017) । 6,267 ଟି ଜିଆଇ କ୍ରେଟ୍ ଯୋଗାଣ, ନଦୀ ତଟର ସୁରକ୍ଷା ପାଇଁ ଗ୍ରାନାଇଟ୍ ପଥର ସହିତ ତାହାକୁ ବାନ୍ଧିବା ଏବଂ ଯୋଡ଼ିବା କାର୍ଯ୍ୟ ଏହି କାର୍ଯ୍ୟ ପରିସରଭୁକ୍ତ ରହିଥିଲା । ଏହି କାର୍ଯ୍ୟ ପାଇଁ ସହମତି ମୂଲ୍ୟ ଜିଆଇ କ୍ରେଟ୍ ପ୍ରତି 1,607 ଟଙ୍କା ଥିଲା ।

- ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଜୁନ୍ 2021 ସୁଦ୍ଧା 2,408 ଟି ଜିଆଇ କ୍ରେଟ୍‌ର ଯୋଗାଣ, ସିଲାଇ(ଯୋଡ଼ିବା) ଏବଂ ବାନ୍ଧିବା କାର୍ଯ୍ୟ ପାଇଁ ଠିକା ସଂସ୍ଥାକୁ ଓସିସିଏଲ୍ 38.69 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଅଡିଟ୍, କଟକସ୍ଥିତ ମହାନଦୀ-ବିରୁପା ପ୍ରକଳ୍ପ ସ୍ଥଳ ଗୁଡିକର ମିଳିତ ଭୌତିକ ନିରୀକ୍ଷଣ ସମ୍ପୃକ୍ତ ପକଳ୍ପର ଏସ୍ଏମ୍‌ଙ୍କ ଉପସ୍ଥିତିରେ ପରିଚାଳନା କରିଥିଲେ (18 ଅଗଷ୍ଟ 2021) । ଫେବୃଆରୀ 2021 ସୁଦ୍ଧା କାର୍ଯ୍ୟ ସମାପ୍ତି ନିର୍ଦ୍ଧାରିତ ହୋଇଥିଲେ ମଧ ତଟ ସୁରକ୍ଷା କାର୍ଯ୍ୟ ଜାରି ରହିଥିବା ସତ୍ତ୍ୱେ ଜିଆଇ କ୍ରେଟ୍ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଏବଂ ପଥର ଖଣ୍ଡ ଗୁଡ଼ିକ ନଦୀରେ ଭାସି ଯାଇଥିବା ଅଡିଟ୍ ଜେପିଆଇରେ ଲକ୍ଷ୍ୟ କରିଥିଲେ ।


ଜୋଡ଼ା ଏବଂ ବନ୍ଧା ହୋଇନଥିବା ଜିଆଇ କ୍ରେଟ୍

  ନିମ୍ନମାନର କାର୍ଯ୍ୟ ନିଷ୍ପାଦନ ହେତୁ ତଟ ସୁରକ୍ଷାର ଉଦ୍ଦେଶ୍ୟ ସଠିକ ଭାବରେ ସାଧିତ ହୋଇପାରିନଥିଲା ଏବଂ 38.69 ଲକ୍ଷ ଟଙ୍କାର ବ୍ୟୟ ମଧ ଅପଚୟ ହୋଇଥିଲା ।

- ବର୍ଗ ମିଟର ପ୍ରତି 178 ଟଙ୍କା ଦରରେ 32,722.80 ବର୍ଗମି ଅଞ୍ଚଳର ପୃଷ୍ଠଭୂମିକୁ କ୍ଷୟ-ନାଶକାରୀ କଳା ରଙ୍ଗର ଦୁଇଟି ପ୍ରଲେପ ଲଗାଇବା, କାର୍ଯ୍ୟ ପରିସରଭୁକ୍ତ ଥିଲା । ଅଡିଟ୍ ଲକ୍ଷ୍ୟ


*କଳଙ୍କି ଲାଗିଥିବା ହାଲୁକା ରଙ୍ଗର ଚାଦର ଗଦା ସହିତ*

  କରିଥିଲେ ଯେ, ଜୁନ୍ 2021 ପର୍ଯ୍ୟନ୍ତ, 32,694.19 ବର୍ଗମି ରଙ୍ଗ କରିବା ପାଇଁ ଠିକା ସଂସ୍ଥାକୁ 58.20 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । 18 ଅଗଷ୍ଟ 2021 ରେ ଜେପିଆଇ ସମୟରେ ଅଡିଟ୍ ଲକ୍ଷ୍ୟ କରିଥିଲା ଯେ 2.76 କିମି ପରିମିତ ଚାଦର ଗଦାର ଅନାବୃତ୍ତ ଅଂଶଗୁଡ଼ିକରେ କଳଙ୍କି ଲାଗିଯାଇଥିଲା ଏବଂ କାର୍ଯ୍ୟ ଶେଷ ହେବାର ମାତ୍ର ଦୁଇ ମାସ ମଧରେ ରଙ୍ଗର କେବଳ କିଛି କିଛି

---

[19] ଦୁଇ ଧାଡ଼ିର ଜେଡ୍ କିସମ ଷ୍ଟୀଲ୍ ପାଇଲ୍‌ସ ପ୍ରବେଶ କରାଇବା ଓ ଫ୍ଲାଙ୍ଗ୍ ସହିତ ୱେଲ୍‌ଡିଙ୍ଗ୍ ହୋଇଥିବା 50 ମିମି ବ୍ୟାସ ବିଶିଷ୍ଟ ଟାଇବାର ସହିତ ବାନ୍ଧିବା ତଥା ଆର୍‌ଡି 600 ମି ରୁ ଆର୍‌ଡି 2100 ମି ପର୍ଯ୍ୟନ୍ତ ତଟ ସୁରକ୍ଷା ଓ ମହାନଦୀ ବ୍ୟାରେଜ (ଜେଏଫ୍‌ପି 117:22) ର ଦକ୍ଷିଣ ପାର୍ଶ୍ୱସ୍ଥ ଉପରମୁଣ୍ଡର 400 ମି ଦୈର୍ଘ୍ୟର ଗାଧୁଆ ଘାଟର ନିର୍ମାଣ

ହାଲୁକା ଅଂଶ ଦୃଶ୍ୟମାନ ହେଉଥିଲା । ଆହୁରି ମଧ୍ୟ, ଫେବୃଆରୀ 2021 ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିର୍ଧାର୍ଯ୍ୟ ଥିଲେ ମଧ୍ୟ ପାଇଲିଂ କାର୍ଯ୍ୟକୁ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ କରାଯାଇ ପାରିନଥିଲା । ଠିକା ସଂସ୍ଥାକୁ କିନ୍ତୁ 58.20 ଲକ୍ଷ ଟଙ୍କାର ସଂପୂର୍ଣ୍ଣ ରାଶି ପ୍ରଦାନ କରି ଦିଆଯାଇଥିଲା ।

### 5.6.2 *ଠିକା କାର୍ଯ୍ୟକର୍ତ୍ତାଙ୍କୁ ସମୟ ପୂର୍ବରୁ ତ୍ରୁଟିଦେୟ ମୂଲ୍ୟ ପ୍ରଦାନ*

ଓସିସିଏଲ୍ ଠିକା କାର୍ଯ୍ୟକର୍ତ୍ତାଙ୍କ ସହିତ ପ୍ରକଳ୍ପ[20] କାର୍ଯ୍ୟ ନିଷ୍ପାଦନ ପାଇଁ କରିଥିବା ଚୁକ୍ତିନାମା (ଫେବୃଆରୀ 2019) ଅନୁଯାୟୀ ଠିକା ସଂସ୍ଥାମାନଙ୍କୁ ସମସ୍ତ କ୍ଷେତ୍ରରେ କାର୍ଯ୍ୟ ସମାପ୍ତ ହେବା ପରେ କାର୍ଯ୍ୟର ମୋଟ ମୂଲ୍ୟର 90 ପ୍ରତିଶତ ପ୍ରଦାନ କରାଯିବ ଏବଂ ଅବଶେଷ 10 ପ୍ରତିଶତ କାର୍ଯ୍ୟ ସମାପ୍ତ ହେବା ଦିନ ଠାରୁ ପାଞ୍ଚ ବର୍ଷର ତ୍ରୁଟି ଦାୟିତ୍ୱ ଅବଧି ପରେ ପ୍ରଦାନ କରାଯିବ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ସିମେଣ୍ଟସ୍ କମ୍ପୋଜିଟ୍ ଜିଓଟେକ୍ସ କାର୍ପେଟ୍ ବ୍ୟବହାର କରି କେନାଲ ଲାଇନ୍ କାର୍ଯ୍ୟ ଜୁନ୍ 2020 ରେ 3.52 କୋଟି ଟଙ୍କା ବ୍ୟୟରେ ସମାପ୍ତ ହୋଇଥିଲା । କିନ୍ତୁ, 10 ପ୍ରତିଶତ ତ୍ରୁଟି ଦେୟ ବାବଦ 35.23 ଲକ୍ଷ ଟଙ୍କା ନ କାଟି ଠିକା କାର୍ଯ୍ୟକର୍ତ୍ତାଙ୍କୁ 30 ଜୁନ୍ 2020 ରେ ପୂର୍ଣ୍ଣ ରାଶି ପ୍ରଦାନ କରାଯାଇଥିଲା । ତ୍ରୁଟି ଦେୟ ପରିମାଣ ନରଖିବା, ଭବିଷ୍ୟତରେ ନିର୍ମିତ କାର୍ଯ୍ୟକୁ କୌଣସି ତ୍ରୁଟିର ସୁରକ୍ଷା ଦେବା ପାଇଁ ଠିକାଦାରଙ୍କ ଉପରେ କମ୍ପାନୀର ନିୟନ୍ତ୍ରଣ ନଥିବାକୁ ସୂଚାଉଥିଲା । ଆହୁରି ମଧ୍ୟ, ଅକ୍ଟୋବର 2021 ସୁଦ୍ଧା କମ୍ପାନୀ 1.30 ଲକ୍ଷ ଟଙ୍କା (2.70 ପ୍ରତିଶତ ସରଳ ସୁଧ ହାରରେ) ର ସମ୍ଭାବ୍ୟ ସୁଧ ଲାଭରୁ ନିଜକୁ ବଞ୍ଚିତ କରିଥିଲା ।

ତଥ୍ୟକୁ ଗ୍ରହଣ କରି, ଏସ୍ଏମ୍ ବ୍ୟକ୍ତ କରିଥିଲେ (ନଭେମ୍ବର 2021) ଯେ ଠିକାଦାର ବିଲରୁ 5 ପ୍ରତିଶତ ହାରରେ କଟାଯାଇଥିବା 17.60 ଲକ୍ଷ ଟଙ୍କାର ସିକ୍ୟୁରିଟି ଜମା ତ୍ରୁଟି ଦାୟିତ୍ୱ ଅବଧି ଶେଷ ହେବା ପର୍ଯ୍ୟନ୍ତ ରଖାଯିବ । ଏକଥା କିନ୍ତୁ ସତ୍ୟ ଯେ ଅବଶିଷ୍ଟ 17.63 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତ୍ରୁଟି ଦାୟିତ୍ୱ ଅସୁରକ୍ଷିତ ରହିଲା ।

## 5.7 ନିର୍ମାଣ ପ୍ରକଳ୍ପର ପାଣ୍ଠି ପରିଚାଳନା

କମ୍ପାନୀ ଏହାର ବାର୍ଷିକ ଆକାଉଣ୍ଟଗୁଡ଼ିକ 2019-20 ପର୍ଯ୍ୟନ୍ତ ଚୂଡ଼ାନ୍ତ କରିସାରିଛି ଏବଂ 2020-21 ବର୍ଷ ପାଇଁ ଅସ୍ଥାୟୀ ଆକାଉଣ୍ଟ ପ୍ରସ୍ତୁତ କରିସାରିଛି । 2016-17 ରୁ 2020-21 ବର୍ଷ ପାଇଁ କମ୍ପାନୀର ସଂକ୍ଷିପ୍ତ କାର୍ଯ୍ୟ ଫଳାଫଳ ଗୁଡ଼ିକ ନିମ୍ନ **ସାରଣୀ 5.4** ରେ ଦର୍ଶାଯାଇଛି:

**ସାରଣୀ 5.4: 2016-21 ଅବଧି ପାଇଁ ଓସିସିଏଲ୍‌ର ସଂକ୍ଷିପ୍ତ କାର୍ଯ୍ୟ ଫଳାଫଳ**

*(ଟଙ୍କା କୋଟିରେ)*

| ବିବରଣୀ | 2016-17 | 2017-18 | 2018-19 | 2019-20 | 2020-21 (ଅଡିଟ୍ ହୋଇନଥିବା) |
|---|---|---|---|---|---|
| **କ. ଆୟ** | | | | | |
| କାର୍ଯ୍ୟରୁ ରାଜସ୍ୱ | 867.46 | 763.35 | 470.45 | 474.22 | 408.40 |
| ଅନ୍ୟାନ୍ୟ ପ୍ରାପ୍ତି | 34.12 | 38.74 | 46.39 | 51.93 | 42.18 |
| ମୋଟ-କ | 901.58 | 802.09 | 516.84 | 526.15 | 450.58 |
| **ଖ. ଖର୍ଚ୍ଚ:** | | | | | |
| କାର୍ଯ୍ୟ ଖର୍ଚ୍ଚ | 102.02 | 67.37 | 35.51 | 20.23 | 32.34 |
| କର୍ମଚାରୀଙ୍କ ମୂଲ୍ୟ | 38.04 | 40.76 | 33.11 | 37.12 | 34.46 |
| ଅବନତି ଏବଂ ଅନ୍ୟାନ୍ୟ ଖର୍ଚ୍ଚ | 707.30 | 589.78 | 370.86 | 392.49 | 329.33 |
| ମୋଟ-ଖ | 847.36 | 697.91 | 439.48 | 449.84 | 396.13 |
| **ଗ. ବର୍ଷ ପାଇଁ ଲାଭ (କ-ଖ)** | 54.21 | 104.18 | 77.36 | 76.31 | 54.45 |

*(ଉତ୍ସ: 2016 - 2021 ବର୍ଷ ପାଇଁ ଓସିସିଏଲର ଆର୍ଥିକ ବିବରଣୀ )*

[20] ରେଙ୍ଗାଳି ଦକ୍ଷିଣ କେନାଲର 630 ମି ଦୈର୍ଘ୍ୟ ବିଶିଷ୍ଟ (68.200 କିମି ଠାରୁ 68.450 କିମି ଓ 72.730 କିମି ଠାରୁ 73.110 କିମି) ଦୁଇଟି କଷ୍ଟସାଧ୍ୟ ପର୍ଯ୍ୟାୟରେ ସିମେଣ୍ଟ ଓ କମ୍ପୋଜିଟ୍ ଜିଓ ଟେକ୍ସ କାର୍ପେଟ୍ (ସିସିଜିସି) ଜ୍ଞାନକୌଶଳ (ଡିକେଏଲ୍ 30:52) ବ୍ୟବହାର କରି କେନାଲ ଲାଇନିଙ୍ଗ୍ ନିର୍ମାଣ

ଏହା ପରିଲକ୍ଷିତ ହେଉଛି ଯେ କାର୍ଯ୍ୟଗୁଡ଼ିକ କମ୍ ବଣ୍ଟନ ଏବଂ ଟେଣ୍ଡର ଗୁଡ଼ିକ ପ୍ରାପ୍ତ କରିବାରେ ଅକ୍ଷମତା ଯୋଗୁଁ କାର୍ଯ୍ୟରୁ ରାଜସ୍ୱ ଆୟ 2016-17 ରେ 867.46 କୋଟି ଟଙ୍କାରୁ 2020-21 ରେ 408.40 କୋଟି ଟଙ୍କାକୁ ହ୍ରାସ ପାଇଥିଲା ଏବଂ ସେହି ସମୟ ମଧ୍ୟରେ ଅନ୍ୟାନ୍ୟ ପ୍ରାପ୍ତି 34.12 କୋଟି ଟଙ୍କାରୁ 42.18 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ଅନ୍ୟାନ୍ୟ ପ୍ରାପ୍ତିଗୁଡ଼ିକ ମଧ୍ୟରେ ମିଆଦି ଜମା ଡିଓଡବ୍ଲୁଆର୍ ନିକଟରେ ଗଛିତ ସୁରକ୍ଷା ଜମା ଇତ୍ୟାଦିରୁ ପ୍ରାପ୍ତ ସୁଧ ଅନ୍ତର୍ଭୁକ୍ତ ଏବଂ ଏହା 2016-21 ଅବଧିରେ ମୋଟ ଆୟର 4 ରୁ 10 ପ୍ରତିଶତ ।

ପାଣି ପରିଚାଳନାରେ କମ୍ପାନୀ ଦ୍ୱାରା ହୋଇଥିବା ନିମ୍ନଲିଖିତ ତ୍ରୁଟି ଗୁଡ଼ିକ ଅଡିଟ୍ ଲକ୍ଷ୍ୟ କରିଥିଲେ ।

### 5.7.1 *ଅନାଦାୟ କାର୍ଯ୍ୟ ଅଗ୍ରୀମ*

ଓପିଡବ୍ଲୁଡି କୋଡ 3.7.21 (ଖଣ୍ଡ I) ଅନୁଯାୟୀ ଠିକାଦାରକୁ ଅଗ୍ରୀମ ପ୍ରଦାନ ନିଷେଧ ଅଟେ ଏବଂ ଏକ ପଦ୍ଧତି ପ୍ରଚଳନ ନିମନ୍ତେ ସମସ୍ତ ପ୍ରକାରର ପ୍ରୟାସ କରାଯିବା ଉଚିତ୍, ଯେଉଁଥିରେ ପ୍ରକୃତରେ କରାଯାଇଥିବା କାର୍ଯ୍ୟ ବ୍ୟତୀତ କୌଣସି ଦେୟ ପ୍ରଦାନ କରାଯିବ ନାହିଁ ।

ଅଡିଟ୍ ଲକ୍ଷ୍ୟ କଲେ ଯେ 203 ଟି ପ୍ରକଳ୍ପ ସହିତ ଜଡ଼ିତ ଠିକା କାର୍ଯ୍ୟକର୍ତ୍ତାଙ୍କୁ ଅଗ୍ରୀମ ବାବଦରେ 34.20 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ଏହା ମାର୍ଚ୍ଚ 2021 ସୁଦ୍ଧା 12 ମାସରୁ ଅଧିକ ସମୟ ଧରି ବାକି/ ଆଡଜଷ୍ଟ ନହୋଇ ପଡ଼ିରହିଥିଲା । ଏକ ନମୁନା ପ୍ରକଳ୍ପ[21] କ୍ଷେତ୍ରରେ ଓସିସିଏଲ୍ ଆର୍‌ଡି 650 ରୁ 1200 ମି ପର୍ଯ୍ୟନ୍ତ ମାଟି ବନ୍ଧର ଦକ୍ଷିଣ ପାର୍ଶ୍ୱକୁ କାର୍ଯ୍ୟକାରି କରିବା ପାଇଁ ଠିକା କାର୍ଯ୍ୟକର୍ତ୍ତାଙ୍କୁ ରେ ନିୟୋଜିତ କରିଥିଲେ (ମାର୍ଚ୍ଚ 2008) । ଠିକା କାର୍ଯ୍ୟକର୍ତ୍ତା 4.41 କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ ପରେ (ମାର୍ଚ୍ଚ 2018) ରେ କାର୍ଯ୍ୟ ଛାଡ଼ି ଚାଲିଯାଇଥିଲେ । ଏସ୍ଏମ୍‌ଙ୍କର ପ୍ରକଳ୍ପ ଆକାଉଣ୍ଟ ଅନୁଯାୟୀ ଠିକା କର୍ମଚାରୀଙ୍କ ବିରୋଧରେ 1.64 କୋଟି ଟଙ୍କା[22]ର ଅଗ୍ରୀମ ରହିଥିଲା । ବାକିଥିବା କାର୍ଯ୍ୟ, ପ୍ରକଳ୍ପର ଅନ୍ୟ ଠିକା କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା କରାଯାଇଥିଲା ଯିଏକି ପୂର୍ବ ରାଜିନାମା ଜନିତ ଦାୟିତକୁ ଗ୍ରହଣ କରିବା ନିମନ୍ତେ ରାଜି ହୋଇଥିଲେ । ଏହା ସତ୍ତ୍ୱେ ଓସିସିଏଲ୍, ଠିକା କାର୍ଯ୍ୟକର୍ତ୍ତାଙ୍କ ବିଲରୁ 1.64 କୋଟି ଟଙ୍କାର ଅନାଦାୟ ଅଗ୍ରୀମରୁ କେବଳ 1.07 କୋଟି ଟଙ୍କା ଆଡଜଷ୍ଟ କରିଥିଲେ । ମାର୍ଚ୍ଚ 2021 ସୁଦ୍ଧା ଅବଶିଷ୍ଟ 57.17 ଲକ୍ଷ ଟଙ୍କା ଅନାଦାୟ[23] ହୋଇ ପଡ଼ି ରହିଥିଲା । କାର୍ଯ୍ୟଟି 2018-19 ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିଲା ।

ତଥ୍ୟକୁ ଗ୍ରହଣ କରି ଏସ୍ଏମ୍ ପ୍ରତିଶ୍ରୁତି ଦେଲେ (ଡିସେମ୍ବର 2021) ଯେ ଦ୍ୱିତୀୟ ଠିକା କାର୍ଯ୍ୟକର୍ତ୍ତାଙ୍କ ପରବର୍ତ୍ତୀ ବିଲରୁ ଅବଶିଷ୍ଟ ଅଗ୍ରୀମ ପରିମାଣକୁ ଆଦାୟ କରାଯିବ । ଠିକା କାର୍ଯ୍ୟକର୍ତ୍ତାଙ୍କ ବିରୁଦ୍ଧରେ ଅନାଦାୟ ହୋଇ ପଡ଼ିରହିଥିବା ବାକି ଅଗ୍ରୀମ ଟଙ୍କାର ସମାଧାନରେ ଭୁଲ୍ ପରିଚାଳନାକୁ ଏହା ସୂଚାଉଥିଲା ।

### 5.7.2 *ଯୋଗାଣକାରୀଙ୍କ ବିରୋଧରେ ଅନାଦାୟ ଅଗ୍ରୀମ: 3.66 କୋଟି ଟଙ୍କା*

ଓସିସିଏଲ୍ ଏହା ଦ୍ୱାରା ସମ୍ପାଦନ କରାଯାଉଥିବା କାର୍ଯ୍ୟ ସମ୍ପର୍କରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ଜାରି କରାଯାଇଥିବା ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତାର ବ୍ୟବସ୍ଥାକୁ ଅନୁସରଣ କରେ । ଓପିଡବ୍ଲୁଡି କୋଡ (ଖଣ୍ଡ-1) ର ଅନୁଚ୍ଛେଦ 3.7.21 ଅନୁଯାୟୀ ଠିକାଦାରମାନଙ୍କୁ ଅଗ୍ରୀମ ମଞ୍ଜୁର ନିଷେଧ । କିନ୍ତୁ ସ୍ୱତନ୍ତ୍ର କ୍ଷେତ୍ରରେ ଡିଭିଜନ ସ୍ତରୀୟ ଅଧିକାରୀ ନଷ୍ଟଯୋଗ୍ୟ ହୋଇନଥିବା ସାମଗ୍ରୀ ମୂଲ୍ୟର 75 ପ୍ରତିଶତ ପର୍ଯ୍ୟନ୍ତ ଅଗ୍ରୀମ ମଞ୍ଜୁର କରିପାରନ୍ତି ଏବଂ ଯେତେବେଳେ ଠିକାଦାରଙ୍କ ସହିତ ଏକ ଆନୁଷ୍ଠାନିକ ଚୁକ୍ତିନାମା ସ୍ୱାକ୍ଷରିତ ହୁଏ ଯେଉଁଥିରେ ସରକାରଙ୍କର ସାମଗ୍ରୀ ଉପରେ ମାଲିକାନା ରହେ ଏବଂ କ୍ଷତିରୁ ସୁରକ୍ଷା ମିଳେ । ଠିକାଦାରଙ୍କ ଉପରେ ନ୍ୟସ୍ତ ଥିବା ସମସ୍ତ କାର୍ଯ୍ୟ ସମାପ୍ତ ନହେବା ପର୍ଯ୍ୟନ୍ତ ଏହିପରି ଅଗ୍ରୀମ ଆଦାୟ କେବେ ବି ସ୍ଥଗିତ ରଖିବା କଥା ନୁହେଁ ।

[21] ତେଲେଙ୍ଗିରି ଜଳସେଚନ ପ୍ରକଳ୍ପର ମାଟି ବନ୍ଧ ନିର୍ମାଣ

[22] ଷ୍ଟୋର ବିପକ୍ଷରେ ଅଗ୍ରୀମ- 85.38 ଲକ୍ଷ ଟଙ୍କା + ନଗଦ ଟଙ୍କା ଅଗ୍ରୀମ- 78.99 ଲକ୍ଷ ଟଙ୍କା

[23] ଷ୍ଟୋର ବିପକ୍ଷରେ ଅଗ୍ରୀମ -55,24,099 ଟଙ୍କା + ନଗଦ ଟଙ୍କା ଅଗ୍ରୀମ - 1,92,929 ଟଙ୍କା

ଅଡିଟ୍ ଲକ୍ଷ୍ୟ କଲେ ଯେ ମାର୍ଚ୍ଚ 2021 ସୁଦ୍ଧା 138 କାର୍ଯ୍ୟ ସମ୍ବନ୍ଧୀୟ 3.66 କୋଟି ଟଙ୍କାର ଅଗ୍ରୀମ 12 ମାସରୁ ଅଧିକ ସମୟ ଧରି ଯୋଗାଣକାରୀଙ୍କ ନିକଟରେ ପଡ଼ିରହିଥିଲା । ଏଥିରେ 78 ଟି ପ୍ରକଳ୍ପର 1.10 କୋଟି ଟଙ୍କାର ଅଗ୍ରୀମ ଅନ୍ତର୍ଭୁକ୍ତ ଯାହା ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଥିଲା ଏବଂ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ମଧ୍ୟ ବନ୍ଦ ହୋଇଯାଇଛି । ତେଣୁ, ଆଦାୟ ସମ୍ଭାବନା କ୍ଷୀଣ ।

ପରୀକ୍ଷା ଯାଞ୍ଚ ପ୍ରକଳ୍ପ ଗୁଡ଼ିକରେ, ଅଡିଟ୍ ଯାଞ୍ଚରୁ ଜଣାପଡ଼ିଥିଲା ଯେ 31 ମାର୍ଚ୍ଚ 2021 ସୁଦ୍ଧା, ଆଠଟି ସିମେଣ୍ଟ, ଷ୍ଟୀଲ୍, ଅନ୍ୟାନ୍ୟ ସାମଗ୍ରୀ/ ସେବା ଯୋଗାଣକାରୀଙ୍କ ବିରୁଦ୍ଧରେ 2.43 ଲକ୍ଷ ଟଙ୍କା ଦୁଇରୁ 10 ବର୍ଷ ପର୍ଯ୍ୟନ୍ତ ସମାଧାନ ନହୋଇ ପଡ଼ିରହିଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ, ଯେହେତୁ କ୍ରୟ ଆଦେଶ ଏସ୍ଏମ୍‌ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା, ଅନାଦାୟ ଅଗ୍ରୀମ ଉପରେ ନଜର ରଖିବା ସେମାନଙ୍କର ଦାୟିତ୍ୱ ଥିଲା । ସଂପୃକ୍ତ ପ୍ରକଳ୍ପର ପରିଚାଳକମାନେ କୋଡାଲ ବ୍ୟବସ୍ଥା ଅନୁଯାୟୀ ଯୋଗାଣକାରୀଙ୍କ ବିଲ୍‌ରୁ ଅଗ୍ରୀମ ପରିମାଣକୁ ସଠିକ୍ ଭାବରେ ନିୟନ୍ତ୍ରଣ ଏବଂ ଆଡ୍‌ଜଷ୍ଟ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ ।

ସଂପୃକ୍ତ ପ୍ରକଳ୍ପଗୁଡ଼ିକର ଏସ୍ଏମ୍ ମାନେ ଅଗ୍ରୀମ ଆଦାୟ ପାଇଁ ପ୍ରତିଶ୍ରୁତି ଦେଇଥିଲେ (ନଭେମ୍ବର ଏବଂ ଡିସେମ୍ବର 2021) ।

### *5.7.3 କର୍ମଚାରୀଙ୍କ ବିରୁଦ୍ଧରେ ଅନାଦାୟ ଅଗ୍ରୀମ 3.53 କୋଟି ଟଙ୍କା*

କମ୍ପାନୀ ନିଜସ୍ୱ କର୍ମଚାରୀଙ୍କ ନିକଟରେ ଅଗ୍ରୀମ ଆକାରରେ ପଡ଼ିରହିଥିବା ରାଶିର ଆଦାୟ ପାଇଁ (ଜୁଲାଇ 1997) ମାର୍ଗଦର୍ଶିକା ଜାରି କରିଥିଲେ । ଏଥିରେ ଦର୍ଶାଯାଇଛି ଯେ ଅଗ୍ରୀମ ରାଶି ସମ୍ପୂର୍ଣ୍ଣ ରୂପେ ଆଦାୟ ନହେବା ପର୍ଯ୍ୟନ୍ତ କମ୍ପାନୀକୁ ଡେପୁଟେସନରେ ଆସିଥିବା କର୍ମଚାରୀ/ ଅଧିକାରୀମାନଙ୍କୁ ମୁକ୍ତ କରାଯିବ ନାହିଁ । ଯଦି ଏପରି କର୍ମଚାରୀ/ ଅଧିକାରୀ ମୁକ୍ତ ହୁଅନ୍ତି, ଅଗ୍ରୀମ ପରିମାଣ ତାଙ୍କ ଶେଷ ଦରମା ପ୍ରମାଣପତ୍ର (ଏଲ୍‌ପିସି)ରେ ପ୍ରତିଫଳିତ ହେବ । ମାର୍ଗଦର୍ଶିକା, ଏଲପିସିରେ ପ୍ରତିଫଳିତ ଅଗ୍ରୀମ ଆଦାୟର ପଦ୍ଧତି ଉପରେ ନୀରବ ଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ 446 ଜଣ କର୍ମଚାରୀ/ ଅଧିକାରୀଙ୍କ ବିରୁଦ୍ଧରେ 3.53 କୋଟି ଟଙ୍କାର ଅଗ୍ରୀମ ମାର୍ଚ୍ଚ 2021 ସୁଦ୍ଧା ଆଦାୟ ନହୋଇ ପଡ଼ିରହିଥିଲା । ଏଥିମଧ୍ୟରୁ, 333 କର୍ମଚାରୀ / ଅଧିକାରୀଙ୍କ[24] ବିରୁଦ୍ଧରେ 3.34 କୋଟି ଟଙ୍କା ବକେୟା ପଡ଼ିଥିଲା, ଯେଉଁମାନେ ପ୍ରାଣତ୍ୟାଗ କରିଛନ୍ତି, ଚାକିରୀ ଛାଡ଼ିଛନ୍ତି କିମ୍ବା ଅବସର ଗ୍ରହଣ କରିଛନ୍ତି ।

ଯେହେତୁ ଅଗ୍ରୀମର ଉଦ୍ଦେଶ୍ୟ ଏବଂ ସମୟ ଅବଧି ଏବଂ କର୍ମଚାରୀଙ୍କ ଚାକିରୀ ସ୍ଥିତି ସହିତ ଏହାର ସମ୍ପର୍କ ସ୍ଥାପନକୁ ସୂଚିତ କରିବା ପାଇଁ ଓସିସିଏଲ୍‌ର ଏକ କେନ୍ଦ୍ରୀୟ ଡାଟାବେସ୍ ନଥିଲା, ଅଗ୍ରୀମର ଆଡଜଷ୍ଟମେଣ୍ଟ ଠିକ୍ ଭାବରେ ତଦାରଖ କରାଯାଇପାରି ନଥିଲା ଏବଂ ଉଲ୍ଲେଖନୀୟ ପରିମାଣ ବକେୟା ରହିଥିଲା ।

### *5.7.4 ପରଫରମାନ୍‌ସ ସିକ୍ୟୁରିଟିଗୁଡ଼ିକ ସୁଧ ବହନ କରୁଥିବା ଜମାରେ ରୂପାନ୍ତର ନହେବା ହେତୁ କ୍ଷତି - 78.64 ଲକ୍ଷ ଟଙ୍କା*

ଡିଓଡବ୍ଲୁଆର୍ ଦ୍ୱାରା ଆବଣ୍ଟିତ କାର୍ଯ୍ୟଗୁଡ଼ିକ କ୍ଷେତ୍ରରେ, ଆର୍ଏ ବିଲ୍‌ରୁ ଦୁଇ ପ୍ରତିଶତ ହାରରେ ଡିଓଡବ୍ଲୁଆର୍ ଦ୍ୱାରା ଓସିସିଏଲ୍‌ର ଆର୍ଏ ବିଲରୁ ପରଫରମାନ୍‌ସ ସିକ୍ୟୁରିଟି (ପିଏସ୍) ପରିମାଣ କଟା ଯାଇଥାଏ । କାର୍ଯ୍ୟ ସମାପ୍ତ ହେବା ପରେ, ଯଦି ପିଏସ୍ ପରିମାଣ ଥାଏ, ତାହା ଓସିସିଏଲ୍‌କୁ ଫେରସ୍ତ କରାଯାଇଥାଏ । ଡିଓଡବ୍ଲୁଆର୍, ଜାନୁଆରୀ 1998 ରେ, ସୁଧ ବହନ କରୁଥିବା ମିଆଦି ଜମାରେ ପିଏସ୍ ବାବଦକୁ କଟାଯାଇଥିବା ରାଶି ରଖିବାକୁ ନିଷ୍ପତ୍ତି ନେଇଥିଲେ । ଡିଓଡବ୍ଲୁଆର୍ ନିକଟରେ ଜମା ହୋଇଥିବା ପିଏସ୍ ଉପରେ ସୁଧ ଅର୍ଜନ ନିମନ୍ତେ ଓସିସିଏଲ୍‌କୁ ଅନୁମତି ଦେବା ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ।

---

[24] ଅବସର ଗ୍ରହଣକାରୀ: 300, ଚାକିରୀ ଛାଡିଥିଲେ: 15, ଡେପୁଟେସନରେ ଥିବା କର୍ମଚାରୀ ମୂଳ ବିଭାଗକୁ ଫେରିଲେ: 13, ମୃତ୍ୟୁବରଣ କରିଥିଲେ: 1, ନିଲମ୍ବିତ: 2 ଏବଂ ନିରୁଦ୍ଦିଷ୍ଟ: 2

ଅଡିଟ୍ ଲକ୍ଷ୍ୟ କଲେ ଯେ ମାର୍ଚ୍ଚ 2021 ସୁଦ୍ଧା 27.13 କୋଟି ଟଙ୍କାର ପିଏସ୍, ସୁଧ ବହନ କରୁଥିବା ମିଆଦି ଜମାରେ ରଖାଯାଇଥିଲା । କମ୍ପାନୀର ଆର୍ଏ ଆକାଉଣ୍ଟରୁ କଟାଯାଇଥିବା 41.88 କୋଟି ଟଙ୍କା ମାର୍ଚ୍ଚ 2021 ସୁଦ୍ଧା 12 ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ସୁଧ ବହନ କରୁଥିବା ଜମାରେ ରଖାଯାଇ ନଥିଲା । 48 ଟି ପରୀକ୍ଷା ଯାଞ୍ଚ କାର୍ଯ୍ୟରେ ଅଡିଟ୍ ବରିଷ୍ଠ ପରିଚାଳକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟର ସମୀକ୍ଷା କରି ଲକ୍ଷ୍ୟ କଲେ ଯେ ସାତଟି କାର୍ଯ୍ୟ ସମ୍ପର୍କିତ 6.60 କୋଟି ଟଙ୍କାର ପିଏସ୍ ମାର୍ଚ୍ଚ 2021 ସୁଦ୍ଧା ଏକ ରୁ 90 ମାସ ପରେ ମଧ ଡିଓଡବ୍ଲୁଆର୍ ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ସୁଧ ଅର୍ଜନ କାରୀ ଜମାକୁ ରୂପାନ୍ତର ନ କରି ସରକାରୀ ଖାତାରେ ରଖାଯାଇଥିଲା ।

ଓସିସିଏଲର ବିଭିନ୍ନ ଚାଲୁ ବିଲରୁ କଟାଯାଇଥିବା ପିଏସ୍‌କୁ ସୁଧ ବହନ କରୁଥିବା ମିଆଦି ଜମା ରସିଦ୍/ ସ୍ୱତନ୍ତ୍ର ମିଆଦି ଜମା ରସିଦ୍ (ଟିଡିଆର୍/ ଏସ୍‌ଟିଡିଆର୍) ଆକାରରେ ରୂପାନ୍ତର କରିବାକୁ ଡିଭିଜନ ସ୍ତରୀୟ ଅଧିକାରୀ ଅନୁମତି ପ୍ରଦାନ କରିଥାନ୍ତି । ଏହିପରିପ୍ରେକ୍ଷୀରେ ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଯଦିଓ ସଂପୃକ୍ତ ଏସ୍‌ଏମ୍‌ମାନେ ଡିଓଡବ୍ଲୁଆରର ଡିଭିଜନାଲ ଅଧିକାରୀଙ୍କୁ ଏହି ରୂପାନ୍ତର ପାଇଁ ଅନୁମତି ଦେବାକୁ ବାରମ୍ବାର ଅନୁରୋଧ କରିଥିଲେ, ମାର୍ଚ୍ଚ 2021 ସୁଦ୍ଧା ସେହି ଅଧିକାରୀଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିନଥିଲା, ଯାହାଫଳରେ, କମ୍ପାନୀ 78.46 ଲକ୍ଷ[25] ଟଙ୍କା ସୁଧ କ୍ଷତି ସହିଥିଲା ।

ଏହି ସମସ୍ୟା ପରିଚାଳନା ନିର୍ଦ୍ଦେଶକ କିମ୍ବା ବୋର୍ଡ ଅଫ୍ ଡାଇରେକ୍ଟର ଦ୍ୱାରା 2016-21 ମଧ୍ୟରେ ସମାଧାନ କରାଯାଇ ନଥିଲା । ପ୍ରମୁଖ ଶାସନ ସଚିବ, ଡିଓଡବ୍ଲୁଆର୍ କମ୍ପାନୀର ଚେୟାରମ୍ୟାନ ଥିବା ସତ୍ତ୍ୱେ, ପିଏସ୍ କୁ ସୁଧ ବହନ କରୁଥିବା ଜମାକୁ ରୁପାନ୍ତର ନହେବା ବିଷୟର ସମାଧାନ ହୋଇପାରି ନଥିଲା । ଏହି ପ୍ରସଙ୍ଗରେ ନିଷ୍କ୍ରିୟତା ଯୋଗୁଁ ପ୍ରକଳ୍ପ ସ୍ତରରେ କମ୍ପାନୀର ଲାଭ ସହିତ ଓସିସିଏଲର ସାମଗ୍ରୀକ ଲାଭ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥିଲା ।

## 5.8 ସଂପତ୍ତି ପରିଚାଳନା

### *5.8.1 ସଂପତ୍ତି ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ ନହେବା*

ବିଭିନ୍ନ ପ୍ରକଳ୍ପ ଅଫିସ ତଥା କର୍ପୋରେଟ୍ ଅଫିସରେ ଥିବା ସମ୍ପତ୍ତିର ଭୌତିକ ସ୍ଥିତି ଓ ଅବସ୍ଥାନ ଜାଣିବା ପାଇଁ ଓସିସିଏଲ୍, ମେସର୍ସ ଟିଏମ୍‌ସି ସଲ୍ୟୁସନ (ପ୍ରା) ଲିମିଟେଡ୍ ନାମିତ ଗୋଟିଏ ପ୍ରାଇଭେଟ୍ ଫାର୍ମକୁ ନିୟୋଜିତ କରିଥିଲେ (2 ମଇ 2014) ଯିଏକି ସେବା ଟିକସ ସହିତ 7.08 ଲକ୍ଷ ଟଙ୍କାରେ ସମ୍ପତ୍ତିର ଭୌତିକ ଯାଞ୍ଚ ଏବଂ ମାର୍ଚ୍ଚ 2014 ରେ ସମାପ୍ତ ସମୟ ପାଇଁ ଏକ ସ୍ଥାୟୀ ସମ୍ପତ୍ତି ରେଜିଷ୍ଟର ପ୍ରସ୍ତୁତି ସହିତ ଏକ ୱେବ୍ ଆଧାରିତ ସମ୍ପତ୍ତି ପରିଚାଳନା ସୀଷ୍ଟମ ଯୋଗାଣ ଏବଂ ସ୍ଥାପନ କରିବେ ।

ଆର୍ଥିକ ଉପଦେଷ୍ଟା ତଥା ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ୱେବ୍ ଆଧାରିତ ସମ୍ପତ୍ତି ପରିଚାଳନା ବ୍ୟବସ୍ଥା ସ୍ଥାପିତ[26] ହୋଇଥିବାର ପ୍ରମାଣପତ୍ର ଦେଇଥିଲେ (ଜାନୁଆରୀ 2017) । ଏହି ଫାର୍ମକୁ 7.22 ଲକ୍ଷ ଟଙ୍କା (ସେବା ଟିକସ ଅନ୍ତର୍ଭୁକ୍ତ କରି) ର ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରାଯାଇଥିଲା (ଅଗଷ୍ଟ 2016 ଏବଂ ଜାନୁଆରୀ 2017) । ଏହି ପ୍ରସଙ୍ଗରେ ଅଡିଟ୍ ନିମ୍ନ ବିଷୟଗୁଡ଼ିକ ଅବଲୋକନ କରିଥିଲେ:

- ସମ୍ପତ୍ତି ପରିଚାଳନା ସଫ୍ଟୱେୟାର କେବଳ ବିକ୍ରେତା ସର୍ଭରରେ ସଂସ୍ଥାପିତ ହୋଇଥିଲା କିନ୍ତୁ ଓସିସିଏଲ୍‌ର ସର୍ଭରରେ ନୁହେଁ ଯେଉଁଠାରେ ଏହା କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଆବଶ୍ୟକ ଥିଲା । ତେଣୁ ସଫ୍ଟୱେୟାର କମ୍ପାନୀ ପାଇଁ ଉପଲବ୍ଧ ନହେବା ହେତୁ ଅବ୍ୟବହୃତ ହୋଇ ରହିଥିଲା । ଏହା ସତ୍ତ୍ୱେ ମେସର୍ସ ଟିଏମ୍‌ସିକୁ ପୂର୍ଣ୍ଣ ଦେୟ ପ୍ରଦାନ କରାଯାଇଥିଲା । ସଫ୍ଟୱେୟାର ସଠିକ୍ ଭାବରେ

25 2019-20 ପର୍ଯ୍ୟନ୍ତ ଓ୍ରରି ପ୍ରତିଶତ ବାର୍ଷିକ ସୁଧ ହାର ଓ 2020-21ପାଇଁ 2.7 ପ୍ରତିଶତ ହାରରେ ହିସାବ କରାଯାଇଥିଲା

26 http://demo.urinternational.com/AMS_occ/modules/central/FmsMainFrame.html

ଗ୍ରହଣ ହୋଇଥିବାକୁ ନିଶ୍ଚିତ ନକରି କମ୍ପାନୀ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରିଥିଲେ ଯାହା କମ୍ପାନୀର ଅନ୍ତର୍ନିହିତ ଆର୍ଥିକ ନିୟନ୍ତ୍ରଣ ଅଭାବକୁ ସୂଚୀତ କରୁଥିଲା ।

- ଅଡିଟ୍ ଆହୁରି ମଧ ଲକ୍ଷ୍ୟ କରିଥିଲେ ଯେ 18 ଅପ୍ରେଲ 2015 ରେ ଦାଖଲ ହୋଇଥିବା ରିପୋର୍ଟରେ ମେସର୍ସ ଟିଏମ୍‌ସି ଉଲ୍ଲେଖ କରିଥିଲେ ଯେ ଆକାଉଣ୍ଟ ବହି ଅନୁଯାୟୀ ସମ୍ପତ୍ତିର ମୋଟ ମୂଲ୍ୟ (ମାର୍ଚ୍ଚ 2014 ସୁଦ୍ଧା) 31.88 କୋଟି ଟଙ୍କା ହୋଇଥିବା ବେଳେ ଭୌତିକ ଯାଞ୍ଚରୁ ଏହା 28.10 କୋଟି ଟଙ୍କା ଜଣାପଡ଼ିଥିଲା, ଯାହାଫଳରେ 3.52 କୋଟି ଟଙ୍କାର ଅସଙ୍ଗତି ହୋଇଥିଲା ।
- ଓସିସିଏଲ୍‌ର ଅଡିଟ୍ କମିଟି କମ୍ପାନୀର ପରିଚାଳନାକୁ 3.52 କୋଟି ଟଙ୍କା ମୂଲ୍ୟର ଅସଙ୍ଗତ ସମ୍ପତ୍ତିକୁ ସହମତିକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ (29 ଜୁଲାଇ 2016) । କିନ୍ତୁ ମାର୍ଚ୍ଚ 2020 ସୁଦ୍ଧା ତାହା କରାଯାଇ ନଥିଲା । ଏହିପରି ଭାବରେ, କମ୍ପାନୀ କେବଳ ଅସଙ୍ଗତ ପୁସ୍ତକ ତଥ୍ୟ ଉପରେ ଆଧାର କରି ଏହାର ସମ୍ପତ୍ତି ମୂଲ୍ୟ ଚୂଡ଼ାନ୍ତ କରିଥିଲା । ନିଖୋଜ ସମ୍ପତ୍ତି ପାଇଁ ସହମତିକରଣ କରାଯାଇ ନଥିଲା, ଯାହାଫଳରେ କମ୍ପାନୀର ଅଡିଟ୍ କମିଟି ସୁପାରିଶ ଗୁଡ଼ିକର ଅନୁପାଳନ ହୋଇପାରି ନଥିଲା । ଏହିପରି, ଅଡିଟ୍ କମିଟିର ନିର୍ଦ୍ଦେଶ ଏବଂ 7.22 ଲକ୍ଷ ଟଙ୍କା ବ୍ୟୟ ସତ୍ତ୍ୱେ ଡିସେମ୍ବର 2021 ସୁଦ୍ଧା ସମ୍ପତ୍ତି ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରି ନଥିଲା । କମ୍ପାନୀର ଉତ୍ତରକୁ ଅପେକ୍ଷା କରାଯାଇଛି ।

### *5.8.2 ଯନ୍ତ୍ରପାତିର ଭଡ଼ା ହାରରେ ସଂଶୋଧନ ନହେବା ହେତୁ କ୍ଷତି*

ଓସିସିଏଲ୍ ଠିକା କର୍ମକର୍ତ୍ତାଙ୍କୁ ବୋର୍ଡ ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁମୋଦିତ ହାରରେ ସାଧନ, ଯନ୍ତ୍ରପାତି, ଯାନବାହନ ଇତ୍ୟାଦି ଭଡ଼ାସୂତ୍ରରେ ଦେଇଥାଏ ।

ଅଡିଟ୍, ଓସିସିଏଲ୍‌ର ସେଣ୍ଟ୍ରାଲ ଷ୍ଟୋର ଏବଂ ମେସିନାରୀ ପ୍ରକଳ୍ପରେ ପରିଚାଳିତ ମେସିନାରୀ ଭଡ଼ା ରେଜିଷ୍ଟାର ଯାଞ୍ଚ କଲା ଏବଂ ଲକ୍ଷ୍ୟ କଲା ଯେ ବିଭିନ୍ନ ଯନ୍ତ୍ରପାତି ପାଇଁ ଆଦାୟ କରାଯାଉଥିବା ଭଡ଼ାକୁ କମ୍ପାନୀ ଦ୍ୱାରା ଜାନୁଆରୀ 2010 ରୁ ମଇ 2014 ମଧ୍ୟରେ ଅନୁମୋଦନ କରାଯାଇଥିଲା ଏବଂ ଏହା ସଂଶୋଧନ ହୋଇନଥିଲା । ଅବଶ୍ୟ, ତୁଳନାତ୍ମକ ଭାବରେ ସମାନ ଅବଧିରେ ଶ୍ରମ ମୂଲ୍ୟ ଏବଂ ବଜାର ଦର ବୃଦ୍ଧି ଉପରେ ଆଧାର କରି ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର ଏହାର ଏସ୍‌ଓଆର୍‌କୁ ଚାରିଥର ସଂଶୋଧନ କରିଥିଲେ । ଅଡିଟରେ ଆହୁରି ମଧ ଦେଖାଗଲା ଯେ କମ୍ପାନୀ ଆଠଟି ଯନ୍ତ୍ରପାତି/ ଯାନର ନାମକରଣ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରକାଶିତ ଏସ୍‌ଓଆର୍ 2014 ରେ ଧାର୍ଯ୍ୟ ସାମଗ୍ରୀ ସହିତ ସମାନ । ଅଡିଟ୍ ଏହି ଆଠଟି ଯନ୍ତ୍ରପାତି/ ଯାନ ପାଇଁ ଓସିସିଏଲ୍ ଦ୍ୱାରା ଆଦାୟ ହୋଇଥିବା ଭଡ଼ା ହାରକୁ ଏସ୍‌ଓଆର୍ 2014 ସହିତ ତୁଳନା କରିଥିଲେ ଏବଂ ଲକ୍ଷ୍ୟ କଲେ ଯେ କମ୍ପାନୀର ପ୍ରଚଳିତ ଭଡ଼ା ହାର ଏସ୍‌ଓଆରରେ ସ୍ଥିର ହୋଇଥିବା ଭଡ଼ା ହାର ଠାରୁ 21 ରୁ 78 ପ୍ରତିଶତ କମ୍ ଥିଲା ।

କମ୍ପାନୀ ଦ୍ୱାରା ଭଡ଼ା ହାରରେ ସଂଶୋଧନ ନହେବା ଏବଂ ଏହି ଆଠ ପ୍ରକାରର ଯନ୍ତ୍ରପାତି ଭଡ଼ା ବାବଦରେ କମ୍ ଭଡ଼ା ପ୍ରୟୋଗ ହେବା ଯୋଗୁଁ ଗତ ପାଞ୍ଚ ବର୍ଷ ମଧ୍ୟରେ କମ୍ପାନୀର 82.79 ଲକ୍ଷ ଟଙ୍କାର କ୍ଷତି ହୋଇଥିଲା (***ପରିଶିଷ୍ଟ 5.5***) ।

## 5.9 ପର୍ଯ୍ୟାଲୋଚନା ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣ

### *5.9.1 ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ଥିବା ତ୍ରୁଟିସମୂହ*

କମ୍ପାନୀ ଅଧିନିୟମ 2013 ର ଧାରା 143 ଅନୁସାରେ ପ୍ରତ୍ୟେକ କମ୍ପାନୀ ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ଗୁଡ଼ିକୁ ଲାଗୁ କରବା ଉଚିତ୍ ଯେଉଁଗୁଡ଼ିକର ପ୍ରୟୋଗ, ମାପ, ଆକାର ଓ ପ୍ରକୃତି ଅନୁକୂଳ ଅଟେ । ଆଭ୍ୟନ୍ତରୀଣ ଆର୍ଥିକ ନିୟନ୍ତ୍ରଣ ଗୁଡ଼ିକର ଉଦ୍ଦେଶ୍ୟ କମ୍ପାନୀର ଆକାଉଣ୍ଟରେ ଥିବା ଗୁରୁତ୍ୱପୂର୍ଣ୍ଣ ଭୁଲ ତଥ୍ୟଗୁଡ଼ିକୁ ପ୍ରତିରୋଧ କରିବା ଏବଂ କମ୍ପାନୀର ଆର୍ଥିକ ସ୍ୱାର୍ଥ ରକ୍ଷା କରିବା ।

ଅଡିଟ୍, କମ୍ପାନୀର ଗ୍ରହଣ କରାଯାଇଥିବା ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ଗୁଡ଼ିକ ଯାଞ୍ଚ କରିଥିଲେ ଏବଂ ଉଲ୍ଲେଖନୀୟ ତ୍ରୁଟି ଗୁଡିକ ଲକ୍ଷ୍ୟ କରିଥିଲେ ଯାହା କମ୍ପାନୀର ବୈଧାନିକ ଅଡିଟରମାନଙ୍କ ଦ୍ୱାରା 2018-19 ଓ 2019-20 ହିସାବ ବର୍ଷ ପାଇଁ ମଧ ଦର୍ଶାଯାଇଥିଲା ।

- କମ୍ପାନୀର ସ୍ଥାୟୀ ସମ୍ପତ୍ତିର ବାସ୍ତବ ମୂଲ୍ୟ ଏବଂ ବହି ମୂଲ୍ୟରେ ଥିବା ଅସଙ୍ଗତି ଯାହା ***ଅନୁଚ୍ଛେଦ 5.8.1*** ରେ ଦର୍ଶାଯାଇଥିଲା, ତାର ସହମତିକରଣ କରାଯାଇ ନଥିଲା । ସ୍ଥାୟୀ ସମ୍ପତ୍ତିଗୁଡ଼ିକୁ ଅନନ୍ୟ ଆଇଡି ଦିଆଯାଇ ନଥିଲା କିମ୍ବା ବସ୍ତୁଗତ ନିୟନ୍ତ୍ରଣ ପାଇଁ ଚିହ୍ନ ସହିତ ସଂଲଗ୍ନ କରାଯାଇ ନଥିଲା ।
- କମ୍ପାନୀ, ଆକାଉଣ୍ଟସ୍‌ରେ ଦେୟଗୁଡ଼ିକୁ ଗ୍ରହିତା ଭିତ୍ତିରେ କିମ୍ବା ସମୟ ଭିତ୍ତିରେ (ଯେଉଁଭଳି ଠିକାଦାର ଏବଂ ଯୋଗାଣକାରୀ ମାନଙ୍କର ସ୍ଥଗିତ ରଖାଯାଇଥିବା ପରିମାଣ) ବହୁ ବର୍ଷ ଧରି ଉଲ୍ଲେଖ କରିନଥିଲେ, ଏପରିକି, ବନ୍ଦ ହୋଇଯାଇଥିବା/ ତ୍ରୁଟିଯୁକ୍ତ ପ୍ରକଳ୍ପ ଗୁଡ଼ିକ କ୍ଷେତ୍ରରେ ମଧ ।
- ଆକାଉଣ୍ଟ୍‌ସରେ ଲିପିବଦ୍ଧ ଥିବା ପ୍ରାପ୍ୟ (କ୍ଲାଏଣ୍ଟ ବିଭାଗ ଦ୍ୱାରା ସ୍ଥଗିତ ଥିବା କାର୍ଯ୍ୟ ଦକ୍ଷତା ସୁରକ୍ଷା), ଯାହା ଅନେକ ବର୍ଷ ଧରି ଗଡିଆସୁଥିଲା, କମ୍ପାନୀ ସେଗୁଡିକ ପ୍ରକଳ୍ପ ଭିତ୍ତିରେ, ସମୟ ଭିତ୍ତିରେ ବିସ୍ତାରିତ ଭାବରେ ଲିପିବଦ୍ଧ କରିନଥିଲେ । କାର୍ଯ୍ୟକ୍ଷମ ହେଉନଥିବା/ ବନ୍ଦ ହୋଇଯାଇଥିବା ପ୍ରକଳ୍ପ ଗୁଡ଼ିକ କ୍ଷେତ୍ରରେ ମଧ ସମାନ ସ୍ଥିତି ରହିଥିଲା । ଯାହାଫଳରେ କମ୍ପାନୀର ପ୍ରାପ୍ୟ ପରିମାଣ ଉପରେ ସମ୍ପୂର୍ଣ୍ଣତା ଏବଂ ସଠିକତାର  ନିଶ୍ଚିତତା ନଥିଲା । କମ୍ପାନୀ ପ୍ରତ୍ୟେକ ପ୍ରାପ୍ୟ ଗୁଡ଼ିକର ସମୀକ୍ଷା କରୁନଥିଲା ଏବଂ ସନ୍ଦେହଜନକ ଆଦାୟ ପାଇଁ ବ୍ୟବସ୍ଥା କରାଯାଇ ନଥିଲା, ଯଦ୍ୱାରା ନିଜର ଆକାଉଣ୍ଟିଂ ନିୟମ ଏବଂ ପ୍ରଯୋଜନୀୟ ଆକାଉଣ୍ଟିଂ ମାନକର ଅନୁପାଳନ ହୋଇପାରୁ ନଥିଲା ।
- ପ୍ରକଳ୍ପ ସ୍ଥାନରେ ପଡି ରହିଥିବା ପୁରୁଣା/ ବ୍ୟବହାର ଅନୁପଯୋଗୀ ଷ୍ଟକ୍ ଏବଂ ଷ୍ଟୋର ଗୁଡ଼ିକୁ ବ୍ୟବହାର କିମ୍ବା ହଟାଯାଇ ନଥିଲା, ଏଭଳିକି ବନ୍ଦ/ ନିଷ୍କ୍ରିୟ ହୋଇଥିବା ପ୍ରକଳ୍ପଗୁଡ଼ିକରେ ମଧ ।
- ପ୍ରକଳ୍ପ ଅନୁଯାୟୀ କିମ୍ବା ସମୟ ଅନୁଯାୟୀ ମିଆଦି ଜମା ପରିମାଣର ସବିଶେଷ ତଥ୍ୟ ସହିତ ଗଛିତ ପରିମାଣର ପ୍ରମାଣପତ୍ରର ହିସାବ ରଖାଯାଇ ନଥିଲା । କମ୍ପାନୀ ଦ୍ୱାରା ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରାଯାଇଥିବା ହିତାଧିକାରୀମାନଙ୍କ ସବିଶେଷ ତଥ୍ୟ ସହିତ ବ୍ୟାଙ୍କ ଗ୍ୟାରେଣ୍ଟି ରେଜିଷ୍ଟର ମଧ ପ୍ରଚଳନ କରାଯାଇ ନଥିଲା ।
- ଆୟକର ବିଭାଗର ଫର୍ମ 26 ଏଏସ୍ ସହିତ ସହମତିକରଣ ନକରାଯିବା ହେତୁ ସୁଧ ଜନିତ ଆୟ ଭାବରେ ଚିହ୍ନଟ ହୋଇଥିବା ରାଜସ୍ୱର ସମ୍ପୂର୍ଣ୍ଣତା ଉପରେ ନିଶ୍ଚିତ ହେବା ପାଇଁ କମ୍ପାନୀର ଆବଶ୍ୟକ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ନଥିଲା ।

ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଗୁରୁତର ତ୍ରୁଟିଗୁଡ଼ିକ ଥିଲା, ଯାହାକି କମ୍ପାନୀର ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନଥିବାକୁ ସୂଚାଉଥିଲା । ଉଦାହରଣ ସ୍ୱରୂପ ଜଣେ ବରିଷ୍ଠ ପରିଚାଳକଙ୍କ ଦ୍ୱାରା 3.10 କୋଟି ଟଙ୍କାର ଅପବ୍ୟବହାର ଆଭ୍ୟନ୍ତରୀଣ ସମୀକ୍ଷା ଦ୍ୱାରା ଦର୍ଶାଯାଇଥିଲା । 2018-19 ଆର୍ଥିକ ବର୍ଷରେ କମ୍ପାନୀ ଦ୍ୱାରା ଏଫ୍‌ଆଇଆର୍ ଦାୟର କରାଯାଇଥିଲା ଏବଂ  ମାର୍ଚ୍ଚ 21 ସୁଦ୍ଧା ଏହାର ଅନୁସନ୍ଧାନ ଚାଲୁଥିଲା । ଆଭ୍ୟନ୍ତରୀଣ ନିୟନ୍ତ୍ରଣରେ ଗୁରୁତର ତ୍ରୁଟି ଦୃଷ୍ଟିରୁ ବୈଧାନିକ ଅଡିଟରମାନେ 2018-19 ଓ 2019-20 ଆର୍ଥିକ ବର୍ଷର ଆକାଉଣ୍ଟ ଉପରେ ଏକ କ୍ୱାଲିଫାଏଡ୍ ମତ ଜାରି କରିଥିଲେ ।

### *5.9.2 ଉତ୍ସର୍ଗୀକୃତ କେନ୍ଦ୍ରୀୟ ତଦାରଖ ଅଧିକାରୀଙ୍କର ନିଯୁକ୍ତି ନହେବା*

ରାଜ୍ୟ ପିଏସ୍‌ୟୁ ସମ୍ପର୍କିତ କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲ (ସିଜିଏମ୍) ଅନୁଯାୟୀ ତଦାରଖ ବିଷୟଗୁଡ଼ିକର ସ୍ୱତନ୍ତ୍ର ଦାୟିତ୍ୱ ପାଇଁ ଜଣେ କେନ୍ଦ୍ରୀୟ ତଦାରଖ ଅଧିକାରୀଙ୍କ (ସିଭିଓ)ର ନିଯୁକ୍ତି ଆବଶ୍ୟକ । ସିଭିଓଙ୍କର କାର୍ଯ୍ୟ ମଧରେ ପ୍ରତିରୋଧ ଏବଂ ଦଣ୍ଡବିଧାନ ତଦାରଖ ଅନ୍ତର୍ଭୁକ୍ତ । ସିଜିଏମ୍‌ରେ ଉଲ୍ଲେଖିତ ହ୍ୱିସିଲ୍ ବ୍ଲୋୟର ପଲିସୀ ଅନୁସାରେ କେନ୍ଦ୍ରୀୟ ତଦାରଖ ଅଧିକାରୀ ମଧ ଅନୁପାଳନ ଅଧିକାରୀ ଭାବେ କାର୍ଯ୍ୟ କରିବା ଉଚିତ୍ ଯେଉଁଭଳି ପରିଚାଳନାରେ କୌଣସି ନିୟମ ଓ ନୈତିକତାର ଅଣଦେଖା ନହୁଏ ।

ଅଡିଟ୍ ଲକ୍ଷ୍ୟ କଲା ଯେ କମ୍ପାନୀ କୌଣସି ଉତ୍ସର୍ଗୀକୃତ ସିଭିଓ ନିଯୁକ୍ତି କରିନଥିଲା ବରଂ ସାଧାରଣ ପରିଚାଳକଙ୍କୁ କର୍ପୋରେଟ୍ କାର୍ଯ୍ୟାଳୟର କେନ୍ଦ୍ରୀୟ ତଦାରଖ ଅଧିକାରୀଙ୍କର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ଜୁନ୍ 2018 ରୁ ଜୁନ୍ 2020 ମଧ୍ୟରେ କମ୍ପାନୀ ଦ୍ୱାରା ତିନୋଟି ଭିଜିଲାନସ୍ ମାମଲା ଆରମ୍ଭ ହୋଇଥିଲା ଯାହା ଡିସେମ୍ବର 2021 ପର୍ଯ୍ୟନ୍ତ ବିଚାରାଧିନ ଥିଲା । ହ୍ୱିସିଲ୍ ବ୍ଲୋୟର ପଲିସୀ ଅଧିନରେ ଥିବା ନିର୍ଦ୍ଧାରିତ ପ୍ରଣାଳୀ ମାଧ୍ୟମରେ ଗ୍ରହଣ କରାଯାଇଥିବା ମାମଲାଗୁଡ଼ିକର ଅନୁପାଳନ, ଅଧିକାରୀ ଦ୍ୱାରା ସମସ୍ୟା ଗୁଡ଼ିକର ପ୍ରାପ୍ତି ଓ ସମାଧାନ ପାଇଁ କୌଣସି ଔପଚାରିକ ବ୍ୟବସ୍ଥା କିମ୍ବା ନିର୍ଦ୍ଧାରିତ ପଦ୍ଧତି ନଥିଲା ।

କମ୍ପାନୀର କାର୍ଯ୍ୟକଳାପର ଆକାର ଏବଂ କାର୍ଯ୍ୟର ପ୍ରକୃତି ସହିତ ଜଡ଼ିତ ଅନ୍ତର୍ନିହିତ ଆଶଙ୍କା ଦୃଷ୍ଟିରୁ ଅଡିଟର ମତ ଏହା ଯେ ଜଣେ ସମର୍ପିତ କେନ୍ଦ୍ରୀୟ ତଦାରଖ ଅଧିକାରୀଙ୍କର ନିଯୁକ୍ତି ଏକ ଅତ୍ୟାବଶ୍ୟକ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ।

## 5.10 ଉପସଂହାର ଏବଂ ସୁପାରିଶ

### *5.10.1 ଉପସଂହାର*

କମ୍ପାନୀ କୌଣସି କର୍ପୋରେଟ୍ ଯୋଜନା କିମ୍ବା ବାର୍ଷିକ ଯୋଜନା ପ୍ରସ୍ତୁତ କରିନଥିଲେ, ଯାହାଫଳରେ ରାଜ୍ୟର ପିଏସ୍‌ୟୁ ପାଇଁ ଥିବା କର୍ପୋରେଟ୍ ଗଭର୍ଣ୍ଣାନ୍ସ ମାନୁଆଲର ଅନୁପାଳନ କରାଯାଇ ନଥିଲା । ଏହି ଯୋଜନା ଦସ୍ତାବିଜ ଅଭାବରୁ, ଓସିସିଏଲ୍‌ର ଦୀର୍ଘକାଳୀନ ବ୍ୟବସାୟ ପ୍ରଣାଳୀ, ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ, କମ୍ପାନୀର ଉଦ୍ଦେଶ୍ୟ ପରିପୂରଣ ଇତ୍ୟାଦି ଅସ୍ପଷ୍ଟ ଏବଂ ଅନିର୍ଦ୍ଦିଷ୍ଟ ରହିଥିଲା । କମ୍ପାନୀର ଚାଲୁ ବିଲରୁ ପ୍ରତ୍ୟାହୃତ 41.88 କୋଟି ଟଙ୍କାର ସୁରକ୍ଷା ଜମା ମାର୍ଚ୍ଚ 2021 ସୁଦ୍ଧା ପ୍ରାୟ 12 ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ସୁଧ ପ୍ରଦାନକାରୀ ଜମାରେ ପରିବର୍ତ୍ତିତ କରାଯାଇ ନଥିଲା । କର୍ମଚାରୀମାନଙ୍କୁ ଦିଆଯାଇଥିବା 3.53 କୋଟି ଟଙ୍କାର ବକେୟା ଅଗ୍ରୀମ ଏବଂ ଯୋଗାଣକାରୀ ମାନଙ୍କୁ ଦିଆଯାଇଥିବା 3.66 କୋଟି ଟଙ୍କାର ଅଗ୍ରୀମ ମାର୍ଚ୍ଚ 2021 ସୁଧା 12 ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ଆଡଜଷ୍ଟ କରାଯାଇନଥିଲା ।

କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପଗୁଡ଼ିକର ବର୍ଦ୍ଧିତ ମୂଲ୍ୟ ଆକଳନ ଘଟଣା ଅଡିଟ୍ ନଜରକୁ ଆସିଥିଲା । ବିଓଡିର ଅଡିଟ୍ କମିଟି ଦ୍ୱାରା ମାର୍ଚ୍ଚ 2014 ର ସୁପାରିଶ ସତ୍ତ୍ୱେ କମ୍ପାନୀ ଡିସେମ୍ବର 2021 ସୁଦ୍ଧା ଏକ ସମ୍ପତ୍ତି ପରିଚାଳନା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ କରିନଥିଲେ ।

କମ୍ପାନୀର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ଉଲ୍ଲେଖନୀୟ ତ୍ରୁଟି ରହିଥିଲା ଯାହାଫଳରେ ବୈଧାନିକ ଅଡିଟରଙ୍କ ଦ୍ୱାରା 2018-19 ଓ 2019-20 ଆକାଉଣ୍ଟସରେ କ୍ୱାଲିଫାଏଡ୍ ଓପିନିଅନ୍ ଜାରି କରାଯାଇଥିଲା । କମ୍ପାନୀ ଦ୍ୱାରା ଗ୍ରହଣ କରାଯାଇଥିବା ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏହାର ଆକାର, କାରବାରର ପରିମାଣ ଓ କାର୍ଯ୍ୟକଳାପର ପ୍ରକାର ଅନୁରୂପ ହୋଇନଥିଲା ।

### *5.10.2 ସୁପାରିଶ*

ଏହା ସୁପାରିଶ କରାଗଲା ଯେ:

- ✓ କର୍ପୋରେଟ ଗଭର୍ଣ୍ଣାନ୍ସ ମାନୁଆଲର ଆଧାରରେ ଏକ କର୍ପୋରେଟ ଯୋଜନା ବିସ୍ତୃତ ବାର୍ଷିକ ଯୋଜନା ସହିତ ପ୍ରସ୍ତୁତ କରାଯାଉ ।
- ✓ ବିଭିନ୍ନ ସମୟରେ ରାଜ୍ୟର ପୂର୍ତ୍ତ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଧାରିତ ହାରର ସୂଚୀ ଅନୁସାରେ ମୂଲ୍ୟ ଆକଳନ ପ୍ରସ୍ତୁତ କରାଯାଉ ।

- ✓ ଓସିସିଏଲର ଆର୍ଥିକ ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ସମସ୍ତ ସୁରକ୍ଷା ଜମା ଗୁଡ଼ିକୁ ସୁଧ ବହନକାରୀ ମିଆଦି ଜମାରେ ପରିଣତ କରିବା ପାଇଁ ଜଳସମ୍ପଦ ବିଭାଗ ସ୍ତରରେ ଆବଶ୍ୟକୀୟ ଅନୁମୋଦନଗୁଡ଼ିକୁ ତ୍ୱରାନ୍ୱିତ କରାଯାଉ ।
- ✓ କର୍ମଚାରୀ ଓ ଯୋଗାଣକାରୀ ମାନଙ୍କ ନିକଟରେ ଥିବା ଅଗ୍ରୀମ ଗୁଡ଼ିକୁ ଭରଣା/ ଆଡଜଷ୍ଟ କରାଯାଉ ।
- ✓ ସମ୍ପତ୍ତି ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ ଏବଂ ଯନ୍ତ୍ରପାତିର ଭଡ଼ାକୁ ସମୟାନ୍ତରରେ ସଂଶୋଧିତ ଏସ୍ଓଆର୍ ଆଧାରରେ ସଂଶୋଧନ କରାଯାଉ ।
- ✓ ଡିଓଡବ୍ଲୁଆର୍, ବିଓଡି, ବୈଧାନିକ ଅଡିଟର ଇତ୍ୟାଦିଙ୍କ ଦ୍ୱାରା ଉତ୍‌ଥାପନ କରାଯାଇଥିବା ତ୍ରୁଟି ସଙ୍କେତ ଗୁଡ଼ିକ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ ।

**ଭୁବନେଶ୍ୱର** **(ରାଜ କୁମାର)**

**ତାରିଖ** 11 JUL 2022

**ପ୍ରଧାନ ମହାଲେଖାକାର (ଲେଖାପରୀକ୍ଷା-I), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

**ନୂଆଦିଲ୍ଲୀ** **(ଗିରୀଶ ଚନ୍ଦ୍ର ମୁର୍ମୁ)**

**ତାରିଖ** 22 JUL 2022

**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**